

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:99✦1 August 2026 (Saturday)✦Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୯୯✦୧ ଅଗଷ୍ଟ ୨୦୨୬ (ଶନିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ଏସ୍‌ସିଓ ସମିଟ୍ ପାଇଁ ପାକିସ୍ତାନ ଯିବେ କି ପିଏମ୍ ମୋଦି ?

### ପ୍ରସ୍ତୁତିରେ ଇସ୍‌ଲାମାବାଦ



ନୂଆଦିଲ୍ଲୀ,୩୧/୭; ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୭ ମସିହାରେ ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ଯୋଗଦେବେ କି ନାହିଁ ସେ ବିଷୟରେ ସସପେନ୍ସ ଜାରି ରହିଛି। ତଥାପି, ପାକିସ୍ତାନ ଏକ ଗୁରୁତ୍ୱପୂର୍ଣ୍ଣ ଦାବି କରିଛି, ଆନୁଷ୍ଠାନିକ ଭାବରେ ଏହା ଭାରତକୁ ନିମନ୍ତ୍ରଣ କରିବ ବୋଲି ସୂଚାଇ ଦେଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେହି ସମ୍ମିଳନୀରେ ଯୋଗଦେବେ କି ନାହିଁ, ସେନେଇ ଏପର୍ଯ୍ୟନ୍ତ ଭାରତ ସରକାର ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ। ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ତାହିର ଆନ୍ଦ୍ରାବି ଏକ ଗଣମାଧ୍ୟମ ବ୍ରିଫିଂରେ କହିଛନ୍ତି ଯେ, ସମସ୍ତ ଏସସିଓ ସଦସ୍ୟ ଦେଶଙ୍କୁ ଏହି ଶିଖର ସମ୍ମିଳନୀରେ ନିମନ୍ତ୍ରଣ କରାଯିବ । ସେ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ସଦସ୍ୟ ଦେଶର ସମସ୍ତ ରାଷ୍ଟ୍ର ଏବଂ ସରକାର ମୁଖ୍ୟଙ୍କୁ ସାମିଲ କରାଯିବ, ଯାହା ସ୍ପଷ୍ଟ ଭାବରେ ସୂଚାଇ ଦେଇଛି ଯେ, ଭାରତ ନିମନ୍ତ୍ରିତ ଦେଶମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ପାକିସ୍ତାନୀ ମୁଖପାତ୍ର କହିଛନ୍ତି ଯେ ଏସସିଓ ପ୍ରକ୍ରିୟା ଏବଂ ପ୍ରୋଟୋକଲ ଅନୁଯାୟୀ, ସମସ୍ତ ସଦସ୍ୟ ଦେଶଙ୍କୁ ନିମନ୍ତ୍ରଣ କରିବା ଆୟୋଜକ ଦେଶର ଦାୟିତ୍ୱ । ମାନିଲାରେ ଇଏରଇଘ ବୈଠକ ସମୟରେ ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ପାକିସ୍ତାନୀ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ସମ୍ଭାବ୍ୟ ବୈଠକ ବିଷୟରେ ପଚରାଯିବାରୁ, ପାକିସ୍ତାନୀ ମୁଖପାତ୍ର କହିଛନ୍ତି ଯେ, ଭାରତ ପକ୍ଷରୁ ଏପରି କୌଣସି ବୈଠକ ବିଷୟରେ ସେମାନଙ୍କୁ ସୂଚନା ଦିଆଯାଇ ନାହିଁ। ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାର ପ୍ରସ୍ତାବ ରହିଛି । ଏସଓ ବହୁପାକ୍ଷିକ ବୈଠକର ଅଂଶ ଭାବରେ ସଦସ୍ୟ ଦେଶମାନଙ୍କ ମଧ୍ୟରେ ଏପରି ନିମନ୍ତ୍ରଣ ପଠାଯାଏ । ଏସଓ ସମ୍ମିଳନୀ ଏକ ପ୍ରମୁଖ ବାର୍ଷିକ ଅନ୍ତର୍ଜାତୀୟ ମଚଂ । ଏଥିରେ ଚୀନ୍, ରୁଷିଆ, ଭାରତ, ପାକିସ୍ତାନ, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ, ଇରାନ ଏବଂ ବେଲାରୁସ ସାମିଲ ଅଛନ୍ତି । ଜୁନ୍ ୧୫, ୨୦୦୧ରେ ଚୀନ୍ ରାଜଧାନୀ ବେଜିଂରେ ପ୍ରତିଷ୍ଠିତ ଏହି ସଂଗଠନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଏହି ଅଂଚଳରେ ଶାନ୍ତି, ସ୍ଥିରତା ଏବଂ ଆର୍ଥିକ ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ।ଏହାର ସର୍ବୋଚ୍ଚ ନିଷ୍ପତି ଗ୍ରହଣକାରୀ ସଂସ୍ଥା, ରାଷ୍ଟ୍ର ମୁଖ୍ୟ ପରିଷଦ (ଉଏଫ), ପ୍ରତିବର୍ଷ ସଦସ୍ୟ ଦେଶମାନଙ୍କ ଦ୍ୱାରା ଅଧ୍ୟକ୍ଷତା କରାଯାଏ, ଏବଂ ଦେଶ ଏହି ସମ୍ମିଳନୀର ଆୟୋଜନ କରେ ।

## ପୁଣି ଫେରୁଛି ବର୍ଷା !

### ୨ ତାରିଖରୁ ବଦଳିବ ଓଡ଼ିଶାର ପାଗ

ଭୁବନେଶ୍ୱର, ୩୧/୭(ନି/ପ୍ର): ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱର କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ । ତେବେ ଅଗଷ୍ଟ ୧ ଓ ୨ ତାରିଖ ମଧ୍ୟରେ ଅନେକ ଜିଲ୍ଲାରେ ଭାରୀ ବର୍ଷା ହେବାର ଆଶଙ୍କା ରହିଛି । ଓଡ଼ିଶାରେ ଗତ କିଛି ଦିନ ଧରି ହୋଇଥିବା ପ୍ରବଳ ବର୍ଷା କିଛି ସମୟ ପାଇଁ କମିଥିଲେ ମଧ୍ୟ ପୁଣିଥରେ ବର୍ଷା ବଢ଼ିବାର ସମ୍ଭାବନା ଦେଖାଦେଇଛି । ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱର କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ । ତେବେ ଅଗଷ୍ଟ ୧ ଓ ୨ ତାରିଖ ମଧ୍ୟରେ ଅନେକ ଜିଲ୍ଲାରେ ଭାରୀ ବର୍ଷା ହେବାର ଆଶଙ୍କା ରହିଛି । ଓଗଓ ପୂର୍ବାନୁମାନ ଅନୁସାରେ ବର୍ଷା ସହ ବଜ୍ରପାତ ଏବଂ ଘଟାଂପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ଝଡ଼ି ପବନ ବହିପାରେ ।ଅଗଷ୍ଟ ୨ ତାରିଖରୁ ବର୍ଷାର ତୀବ୍ରତା ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ସତର୍କ କରିଛି ।


**ଆବଶ୍ୟକ**

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


## ଆଲର୍ଟ ରୁହ.... ମହାନଦୀରେ ପାଣି ବଢୁଛି



ଭୁବନେଶ୍ୱର, ୩୧/୭(ନି/ପ୍ର): ରାଜ୍ୟରେ ବନ୍ୟା ସ୍ଥିତି ସମୀକ୍ଷା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ସୂଚନା। ମହାନଦୀରେ ବନ୍ୟାଜଳ ବଢିବାରେ ଲାଗିଛି । ପୁରୀ, ଜଗତସିଂହପୁର, ଖୋର୍ଦ୍ଧା ଓ କଟକକୁ ଆଲର୍ଟ କରାଯାଇଛି । ମହାନଦୀକୁ ଛାଡ଼ିଦେଲେ ବାକି ସବୁ ନଦୀ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । କେବଳ ମହାନଦୀରେ ଜଳସ୍ତର ବଢୁଛି । ଏବେ ମହାନଦୀରେ ୮ ଲକ୍ଷ ୬୫ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି । ସେହିପରି ଯାଜପୁରରେ ସର୍ବାଧିକ ଘାଇ ହୋଇଛି । ଏବେ ପାଗ ପ୍ରାୟତଃ ଶୁଖିଲା ଅଛି । କାଲି ବି ୨ ରୁ ୩ ଜିଲ୍ଲାରେ ଅଳ୍ପ ବର୍ଷା ହେବ । ତେଣୁ ଆସନ୍ତା ୨୪ ଘଟାଂରେ ସ୍ଥିତିରେ ଅନେକ ସୁଧାର ଆସିବ । ବନ୍ୟା ପାଣି କମିବା ପର୍ଯ୍ୟନ୍ତ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯିବ । କ୍ଷୟକ୍ଷତି ରିପୋର୍ଟ ଆସିଲେ ସଙ୍ଗେ ସଙ୍ଗେ କ୍ଷତିପୂରଣ ଦିଆଯିବ । ସରକାରଙ୍କୁ ସହଯୋଗ କରନ୍ତୁ, ବିପଦ ଟଳିଯିବ ବୋଲି ମନ୍ତ୍ରୀ କହିଛନ୍ତି । ଦୁଇ ଦିନ ଯାଏଁ ବର୍ଷା ନାହିଁ । କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ୭୦ ମିମି ବର୍ଷା ହୋଇଛି । ହୀରାକୁଦରେ ୧୪ ଟି ଗେଟ୍ ଖୋଲାଅଛି । ଆଉ ୧୨ ଟି ଖୋଲିବା ପାଇଁ ଯୋଜନା ଚାଲିଛି । ସମୁଦାୟ ୨୪ ଗେଟ୍ ଖୋଲିବା ପାଇଁ ପ୍ରସ୍ତୁତ ହେଉଛୁ ବୋଲି ମନ୍ତ୍ରୀ କହିଛନ୍ତି । ଲୋକସେବା ଭବନରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବନ୍ୟା ପ୍ରଭାବିତ ଅଚଂଳର ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରିଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ । ଏହି ବୈଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଏଜଓ, ପାଣିପାଗ ବିଜ୍ଞାନ, ଜଳସମ୍ପଦ ବିଭାଗର ଅଧିକାରୀ ସାମିଲ ହୋଇଛନ୍ତି । ଗତକାଲି ବନ୍ୟା ପ୍ରଭାବିତ ୫ ଜିଲ୍ଲାରେ ସ୍ଥିତି ଅନୁଧ୍ୟାନ କରିଥିଲେ ରାଜସ୍ୱ ମନ୍ତ୍ରୀ । ହେଲିକପ୍ଟରରେ ଆକାଶମାର୍ଗରୁ ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦୁଝର ଜିଲ୍ଲାର ବନ୍ୟାଚଂଳ ଏବଂ ଜଳବନ୍ଦୀ ଅଚଂଳ ପରିଦର୍ଶନ କରିଥିଲେ ।

## ଦିଲ୍ଲୀରେ ଅମିତ ଶାହ ଓ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ଭୁବନେଶ୍ୱର,୩୧/୭(ନି/ପ୍ର): ଦିଲ୍ଲୀ ଗସ୍ତରେ ଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର କେନ୍ଦ୍ରଗୃହମନ୍ତ୍ରୀ ଅମିତ ଶାହଙ୍କୁ ସାକ୍ଷାତ କରି ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଶେଷ କରି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି, ସୁରକ୍ଷା ବ୍ୟବସ୍ଥା ଏବଂ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ନେଇ ଉଭୟଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିବା ସୂଚନା ମିଳିଛି। ଏହାପରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଓଡ଼ିଶାରେ ରେଳ ଭିତିଭୂମିର ବିକାଶ, ନୂଆ ରେଳ ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ରାଜ୍ୟରେ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ନେଇ ଆଲୋଚନା କରିଥିଲେ । ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପକୁ ଶୀଘ୍ର ଗତିରେ ଆଗେଇ ନେବା ଓ ଲୋକଙ୍କୁ ଉନ୍ନତ ରେଳ ସେବା ଯୋଗାଇବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା ।

## ଜାପାନରେ ଭୂମିକମ୍ପ : ମୃତ୍ୟୁସଂଖ୍ୟା ୩୪କୁ ବୃଦ୍ଧି, ଅନେକ ଆହତ



ଟୋକିଓ,୩୧/୭: ଦକ୍ଷିଣ-ପଶ୍ଚିମ ଜପାନର କୁମାମୋଟୋ ଅଚଂଳରେ ହୋଇଥିବା ଶକ୍ତିଶାଳୀ ଭୂମିକମ୍ପ ଯୋଗୁଁ ମୃତ୍ୟୁସଂଖ୍ୟା ୩୪କୁ ବୃଦ୍ଧି ପାଇଛି । ମଙ୍ଗଳବାର ଦିନ କ୍ୟୁଶୁ ଦ୍ୱୀପରେ ଅନୁଭୂତ ହୋଇଥିବା ୭.୧ ତୀବ୍ରତାର ଏହି ବିନାଶକାରୀ ଭୂମିକମ୍ପ ଯୋଗୁଁ ଅନେକ ଘରଦ୍ୱାର ଭାଙ୍ଗି ଚୁରମାର ହୋଇଯିବା ସହ ଶପିଂ ମଲରେ ବିସ୍ଫୋରଣ ଏବଂ କାରଖାନାର ଚିମନି ଭୁଶୁଡ଼ି ପଡ଼ିଛି । କୁମାମୋଟୋ ପ୍ରାନ୍ତୀୟ ସରକାରଙ୍କ ସୂଚନା ଅନୁଯାୟୀ, ୩୪ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଥିବା ବେଳେ ଅନ୍ୟ ଜଣଙ୍କ ମୃତ୍ୟୁର କାରଣ ଯାଚଂ କରାଯାଉଛି । ଏହି ବିପର୍ଯ୍ୟୟରେ ୮୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି, ଯେଉଁଥିମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସାଧାରଣ ନାଗରିକଙ୍କ ସୁରକ୍ଷା ପାଇଁ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ବିଶେଷ କରି କାଶିମା ସହରର ଆଓନ୍ ମଲ୍ ଶପିଂ ସେଟଂରରେ ଭୂମିକମ୍ପ ସମୟରେ ହଜାର ହଜାର ଲୋକ ଥିବା ବେଳେ ମଲର ଦ୍ୱିତୀୟ ମହଲା ଭୁଶୁଡ଼ି ପଡ଼ିବାରୁ ଅନେକ ଲୋକ ଫସି ରହିଥିଲେ । ସେଠାରୁ ୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ୧୧ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି । ସେହିପରି ୟାସୁଶିରୋ ଅଚଂଳରେ ଥିବା ନିପନ୍ ପେପର ଇଣ୍ଡଷ୍ଟ୍ରିଜ୍ କାରଖାନାର ଚିମନି ଭୁଶୁଡ଼ି ପଡ଼ିବାରୁ ୯ ଜଣଙ୍କ ମୃତ୍ୟୁ ଘଟିଛି । ପ୍ରଭାବିତ ଅଚଂଳରେ ୩,୫୦୦ରୁ ଅଧିକ ଘରକୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିବା ବେଳେ ୯,୦୦୦ରୁ ଊର୍ଦ୍ଧ୍ୱ ଲୋକ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରହୁଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆଶ୍ରୟସ୍ଥଳୀଗୁଡ଼ିକରେ ଏୟାର କଣ୍ଡିସନର ପାଇଁ ଅତିରିକ୍ତ ବିଦ୍ୟୁତ୍ ବ୍ୟବସ୍ଥା କରାଯାଉଛି । କୁମାମୋଟୋ ଓ କ୍ୟୁଶୁର ବିଭିନ୍ନ ଭାଗରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ସେନା ଓ ଉଦ୍ଧାରକାରୀ ଦଳ ରିଲିଫ୍ କାର୍ଯ୍ୟ ଜାରି ରଖିଛନ୍ତି ।

## ଏଲ୍‌ଏସିରେ ଚୀନ୍‌ର ନୂଆ ଚାଲ୍, ଭାରତ ଆଡ଼କୁ ମୁତୟନ କରିଛି ୧୨ ଯୁଦ୍ଧ ବିମାନ




ନୂଆଦିଲ୍ଲୀ, ୩୧/୭ : ଏଲ୍‌ଏସି ନିକଟରେ ପୁଣି ଚୀନ୍‌ର ହରକତ ଦେଖିବାକୁ ମିଳିଛି । ସୀମାଠାରୁ ମାତ୍ର ୨୪୫ କିଲୋମିଟର ଦୂର ସ୍ଥାନରେ ୧୨ଟି ଶକ୍ତିଶାଳୀ ଯୁଦ୍ଧ ବିମାନ ମୁତୟନ କରିଛି । ଏହି ପଚଂମ ପିଢ଼ି ଜେଟ୍‌କୁ 'ଜେ-୨୦ ମାଇଟି ଡ୍ରାଗନ' କୁହାଯାଉଛି । ବିମାନଗୁଡ଼ିକ ଭାରତର ସୀମା ଆଡ଼କୁ ମୁହଁ କରି ମୁତୟନ ହୋଇଥିବା ସଦ୍ୟ ପ୍ରକାଶିତ ଉପଗ୍ରହ ଫଟୋରେ ଦେଖିବାକୁ ମିଳିଛି । ଉପଗ୍ରହ ଫଟୋରୁ ଜଣାପଡ଼ିଛି ଯେ ଭାରତୀୟ ସୀମା ନିକଟସ୍ଥ ଦୁଇଟି ବାୟୁସେନା ଘାଟିରେ ଚୀନ୍ ଏହି ଜେଟ୍‌ଗୁଡ଼ିକୁ ମୁତୟନ କରିଛି । ନିକଟ ବର୍ଷଗୁଡ଼ିକ ମଧ୍ୟରେ ଚୀନ୍‌ର ଏହା ସବୁଠୁ ବଡ଼ ମୁତୟନ ବିବେଚନା କରାଯାଉଛି । ଦୁଇଦେଶ ମଧ୍ୟରେ ଯେବେ ବି ପରିସ୍ଥିତି ଶାନ୍ତ ପଡ଼ିବା ନେଇ ରିପୋର୍ଟ ସାମ୍ନାକୁ ଆସେ, ଠିକ୍ ତାହା ପରେ ପରେ ଡ୍ରାଗନ୍ ଏଭଳି କୌଣସି ନା କୌଣସି ହରକତ କରିବା ନଜିର ରହିଛି । ପିପୁଲ୍ସ ଲିବରେସନ ଆର୍ମି ଏୟାରଫୋର୍ସ (ପିଏଲ୍‌ଏଏଫ୍) ଶିନଜିଆଙ୍ଗର ହୋଟନ ବାୟୁସେନା ଘାଟି ଏବଂ ତିବ୍ବତର ଡ୍ୟାମସୁଙ୍ଗ୍ ବାୟୁସେନା ଘାଟିରେ ଏହି ୧୨ଟି ବିମାନ ମୁତୟନ କରୁଥିବା ଉପଗ୍ରହ ଫଟୋରେ ଦେଖିବାକୁ ମିଳିଛି । ଜେ-୨୦ ଜେଟ୍‌କୁ ବିକଶିତ ପଚଂମ ପିଢ଼ି ଷ୍ଟିଲ୍‌ଦ ବିମାନ ମଧ୍ୟରେ ଗଣାଯାଏ । ଏହାକୁ ଚେଙ୍ଗଡୁ ଏୟାରକ୍ରାଫ୍ଟ କର୍ପୋରେସନ ନିର୍ମାଣ କରିଛି । ଏହି ବିମାନରେ ରାଡାରକୁ ଚକ୍‌ମା ଦେବା ପାଇଁ ଷ୍ଟିଲଦ ଟେକ୍ନୋଲୋଜି, ଲମ୍ବା ଦୂରଗାମୀ ମିସାଇଲ ଏବଂ ଅତ୍ୟାଧୁନିକ ସେନସର ଖଞ୍ଜାଯାଇଛି । ଶତ୍ରୁ ପକ୍ଷର ଯୁଦ୍ଧ ବିମାନ ଏବଂ ପ୍ରମୁଖ ସେନା ଶିବିରକୁ ଟାର୍ଗେଟ କରିବାରେ ଏଗୁଡ଼ିକ ବେଶ୍ ପାରଙ୍ଗମ । ଉପଗ୍ରହ ଫଟୋ ଅନୁସାରେ, ଜୁଲାଇ ୯ରେ ହୋଟନ ବାୟୁସେନା ଘାଟିରେ ୮ଟି ଜେ-୨୦ 'ମାଇଟି ଡ୍ରାଗନ' ଷ୍ଟିଲ୍‌ଦ ଫାଇଟର ବିମାନ ଛିଡ଼ା ହୋଇଥିଲା । ଚୀନ୍‌ର ଶିନଜିଆଙ୍ଗ ଉଇଗର ଅଟୋନୋମସ ରିଜିଅନର ହୋଟନ ହେଉଛି ଉଭୟ ବେସାମରିକ ଓ ସାମରିକ ବିମାନ ଘାଟି । ଏହା ଉତର ଲଦାଖରେ ଥିବା ଭାରତୀୟ ବାୟୁସେନାର ଦୌଲତ ବେଗ ଓଲ୍‌ଡି ଫରୱାର୍ଡ ବାୟୁସେନା ଘାଟିଠାରୁ ପ୍ରାୟ ୨୪୫ କିଲୋମିଟର ଏବଂ ଲେହଠାରୁ ୩୮୯ କିଲୋମିଟର ଦୂରରେ ଅବସ୍ଥିତ । ଅର୍ଥାତ ଭାରତ ପାଖରେ ପହଚିଂବାକୁ ଏହି ବିମାନଗୁଡ଼ିକ ମାତ୍ର କେଇ ମିନିଟ ଲାଗିବ । ସେହିଭଳି ଜୁନ ୨୫ର ଉପଗ୍ରହ ଫଟୋ ଅନୁସାରେ ତିବ୍ବତର ଲାସା ଅଚଂଳରେ ଥିବା ଡ୍ୟାମସୁଙ୍ଗ୍ ଏୟାରବେସରେ ଆଉ ୪ଟି ଜେ୨୦ ବିମାନ ମୁତୟନ ହୋଇଥିବା ଦେଖିବାକୁ ମିଳିଛି । ଏହି ଏୟାରବେସ ଅରୁଣାଚଳ ପ୍ରଦେଶର ତୱାଙ୍ଗଠାରୁ ପ୍ରାୟ ୩୪୪ କିଲୋମିଟର ଉତର-ପଶ୍ଚିମରେ ଅବସ୍ଥିତ । ତେଣୁ ଉଭୟ ସ୍ଥାନକୁ ମିଶାଇ ପାଖାପାଖି ଦୁଇ ସପ୍ତାହ ମଧ୍ୟରେ ଅନ୍ୟୂନ ୧୨ଟି ଜେ-୨୦ ଷ୍ଟିଲ୍‌ଦ ଯୁଦ୍ଧ ବିମାନ ମୁତୟନ କରାଯାଇଛି । ଜେ-୨୦ ଚୀନ୍‌ର ମୁଖ୍ୟ ଷ୍ଟିଲ୍‌ଦ ଯୁଦ୍ଧ ବିମାନ । ଷ୍ଟିଲ୍‌ଦ ଯୁଦ୍ଧ ବିମାନ ତାହାକୁ କୁହାଯାଏ, ଯାହା ଶତ୍ରୁ ପକ୍ଷର ରାଡାର, ଇନଫ୍ରାରେଡ ସେନସର ଏବଂ ଅନ୍ୟ ନିରୀକ୍ଷଣ ପ୍ରଣାଳୀଗୁଡ଼ିକୁ ମାତ୍ ଦେବାରେ ମାହିର । ଏହାର ସ୍ୱତନ୍ତ୍ର ଆକାର, ରାଡାର-ଶୋଷକ ସାମଗ୍ରୀ ଏବଂ ଆଭ୍ୟନ୍ତରୀଣ ଅସ୍ତ୍ରଶସ୍ତ୍ର ଯୋଗୁ ଏହାକୁ ଚିହ୍ନଟ କରିବା କୌଣସି ଦେଶର ରାଡାର ପକ୍ଷେ କଷ୍ଟକର ହୋଇଥାଏ । ଏହି କାରଣରୁ ବିମାନଟି ଗୋପନ ଭାବେ କୌଣସି ଅଚଂଳ ଭିତରେ ପଶି ଆକ୍ରମଣ କରିପାରିବ । ଏହାପରେ ସୁରକ୍ଷିତ ଭାବେ ବାହାରି ପୁଣି ନିଜ ଅଚଂଳକୁ ଯାଇପାରିବ ।

## ପେପର ଲିକ୍ ବିରୋଧୀ ବିଲ୍ ସଂସଦରେ ପାରିତ



ନୂଆଦିଲ୍ଲୀ,୩୧/୭: ପେପର ଲିକ୍ ବିରୋଧୀ ବିଲ୍ ସଂସଦରେ ପାରିତ । ପେପର ଲିକ୍ ଏବଂ ବିଭିନ୍ନ ପରୀକ୍ଷା ଅନିୟମିତତାକୁ ରୋକିବା ପାଇଁ ଆଣାଯାଇଥିବା 'ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଲ୍-୨୦୨୬' ସଂସଦର ଉଭୟ ସଦନରେ ପାରିତ ହୋଇଛି । ଗୁରୁବାର ରାଜ୍ୟସଭାରେ ବିରୋଧୀ ଦଳର ୱାକଆଉଟ୍ ମଧ୍ୟରେ ବିଲ୍‌ଟି ଧ୍ୱନିମତରେ ଅନୁମୋଦନ ପାଇଛି । ବର୍ତମାନ ଏହା କେବଳ ରାଷ୍ଟ୍ରପତିଙ୍କ ମଞ୍ଜୁରିକୁ ଅପେକ୍ଷା ।ବୁଧବାର ଲୋକସଭାରେ ବିଲ୍‌ଟି ପାରିତ ହୋଇଥିଲା । ସରକାରଙ୍କ ମତାନୁସାରେ, ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ହୋଇଥିବାରୁ ସେମାନଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ କଠୋର ଆଇନଗତ ବ୍ୟବସ୍ଥା ଆବଶ୍ୟକ ଥିଲା । କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ବିଲ୍ ଉପସ୍ଥାପନ କରିବା ସମୟରେ ଏହାର ମୁଖ୍ୟ ବ୍ୟବସ୍ଥା ବିଷୟରେ ସଦନକୁ ଅବଗତ କରାଇଥିଲେ । ତେବେ ବିରୋଧୀ ଦଳ ଏହାକୁ ଅପର୍ଯ୍ୟାପ୍ତ ବୋଲି କହିବା ସହ ସରକାରଙ୍କ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଥିଲେ । ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼୍?ଗେ ଗୃହମନ୍ତ୍ରୀଙ୍କ ଉତର କିମ୍ବା ଇସ୍ତଫା ଦାବି କରିଥିଲେ । ରାଜ୍ୟସଭାରେ ବିରୋଧୀ ଉପନେତା ପ୍ରମୋଦ ତିୱାରୀ ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତି ଦାବି କରିଥିଲେ । ଅଧ୍ୟକ୍ଷ ଏହି ଦାବିକୁ ଖାରଜ କରିବା ପରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ସଦନରୁ ୱାକଆଉଟ୍ କରିଥିଲେ ।ଏହାର ପ୍ରତିକ୍ରିୟାରେ ସଦନର ନେତା ଜେ.ପି. ନଡ୍ଡା କହିଥିଲେ ଯେ ବିରୋଧୀ ଦଳ ସଂସଦୀୟ ପରମ୍ପରା ଓ ମର୍ଯ୍ୟାଦା ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଛି । ଡ. ଜିତେନ୍ଦ୍ର ସିଂ କହିଛନ୍ତି ଯେ ରାଧାକୃଷ୍ଣନ୍ କମିଟିର ପ୍ରାୟ ୭୬ ପ୍ରତିଶତ ସୁପାରିଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇଛି ଏବଂ ପେପର ଲିକ୍ ମାମଲାରେ ସରକାରଙ୍କ 'ଜିରୋ ଟଲରେନ୍ସ' ନୀତି ରହିଛି । ବିଲ୍ ପାରିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଭିଡିଓ ବାର୍ତା ଜାରି କରି କହିଛନ୍ତି ଯେ ଏହି ଆଇନ ପରୀକ୍ଷା ପ୍ରଣାଳୀକୁ ଅଧିକ ସ୍ୱଚ୍ଛ, ବିଶ୍ୱସନୀୟ ଓ ଶକ୍ତିଶାଳୀ କରିବ । ସେ ପେପର ଲିକ୍ ମାଫିଆଙ୍କୁ କଠୋର ଚେତାବନୀ ଦେଇ କହିଛନ୍ତି ଯେ ଯୁବପିଢ଼ିର ଭବିଷ୍ୟତ ସହ ଖେଳ କରୁଥିବା ଲୋକଙ୍କୁ କୌଣସି ପ୍ରକାର ଛାଡ଼ ଦିଆଯିବ ନାହିଁ । ପ୍ରଧାନମନ୍ତ୍ରୀ ଏହାକୁ ଦେଶ ପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିବା ସହ କହିଛନ୍ତି ଯେ ଏହା ଦେଶର ପରୀକ୍ଷା ପ୍ରଣାଳୀ ଉପରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ବିଶ୍ୱାସକୁ ପୁନଃ ସୁଦୃଢ଼ କରିବ ଏବଂ 'ବିକଶିତ ଭାରତ' ଗଠନ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ ।

## ଛତିଶଗଡ଼-ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ 'ମହାନଦୀ' ଆଲୋଚନା :ମଧ୍ୟସ୍ଥତା କଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର,୩୧/୭: ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ପ୍ରକ୍ରିୟା ଆଉ ପାଦେ ଆଗେଇଛି । ଆଜି ନୂଆଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଉପସ୍ଥିତ ରହି ମହାନଦୀ ଜଳ ବିବାଦର ସମାଧାନ ସମ୍ପର୍କରେ ଆଲୋଚନା କରିଛନ୍ତି । ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ, କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ସଚିବ ଏବଂ ଉଚ୍ଚ ପଦାଧିକାରୀମାନେ ବୈଠକରେ ସାମିଲ ହୋଇଥିଲେ । ବୈଠକରେ ଓଡ଼ିଶାର ଅଧିକାର, ଜନସାଧାରଣଙ୍କ ସ୍ୱାର୍ଥ, ଚାଷୀକୁଳର ହିତ ଏବଂ ପରିବେଶର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମାଧାନର ପନ୍ଥା ନିର୍ଦ୍ଧାରଣ କରିବା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱାରୋପ କରିଥିଲେ । ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ ଉଭୟ ରାଜ୍ୟ ମଧ୍ୟରେ ସହଯୋଗ, ସମନ୍ୱୟ ଓ ଗଠନମୂଳକ ଆଲୋଚନା ଜରିଆରେ ମହାନଦୀ ଜଳ ସମସ୍ୟାର ଏକ ସ୍ଥାୟୀ ଓ ସନ୍ତୋଷଜନକ ସମାଧାନ ପାଇଁ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ବୈଠକ ପରେ ଗଣମାଧ୍ୟମକୁ ଶ୍ରୀ ମାଝୀ କହିଥିଲେ ଯେ ଓଡ଼ିଶାର ଅଧିକାର, ଚାଷୀଙ୍କ ଭବିଷ୍ୟତ ଓ ରାଜ୍ୟର ଜଳସମ୍ପଦର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆମ ପକ୍ଷକୁ ଦୃଢ଼ତାର ସହ ଉପସ୍ଥାପନ କରାଯାଇଛି । କେନ୍ଦ୍ର ଜଳ କମିସନ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ୩ ମାସ ମଧ୍ୟରେ ଏହାର ରିପୋର୍ଟ ମହାନଦୀ ଟ୍ରିବ୍ୟୁନାଲ୍‌କୁ ପ୍ରଦାନ କରିବ । ଏହି ପରିପ୍ରେକ୍ଷୀରେ ଆଗାମୀ ୩ ମାସ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଆଲୋଚନା ଜାରି ରହିବ । ୩ ମାସ ମଧ୍ୟରେ ମହାନଦୀ ଜଳ ବଟଂନ ଓ ପରିଚାଳନାକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଯେଉଁ ସମସ୍ୟାଗୁଡ଼ିକ ରହିଛି, ତା'ର ସମାଧାନ କରାଯିବ । ଛତିଶଗଡ଼ ସରକାର ଏଥିରେ ସହମତି ପ୍ରକାଶ କରିଛନ୍ତି । ଆସନ୍ତା ଦୀପାବଳି ସୁଦ୍ଧା ନିଶ୍ଚିତ ଭାବେ ସମାଧାନର ବାଟ ବାହାରିବ । ଶ୍ରୀ ମାଝୀ କହିଛନ୍ତି, ଜଳବଟଂନର ସମାଧାନ ପାଇଁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ମଧ୍ୟ ସମାନ ଆଭିମୁଖ୍ୟ ରଖିଛନ୍ତି । ଆମେ ପ୍ରଥମରୁ ଏଥିରେ ସହମତ ଥିଲୁ । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଳମ୍ବରେ ସହମତ ହେଲେ । ସେ ସହମତ ହେଲା ପରେ ହିଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଏହି ବୈଠକ ଆହ୍ୱାନ କରିଥିଲେ । ଟ୍ରିପଲ୍ ଇଞ୍ଜିନ୍ ସରକାରରେ ନିଶ୍ଚିତ ଭାବେ ଏହି ବିବାଦର ସମାଧନ ହେବ ।




# କେନ୍ଦୁଝର ସମାଚାର

**A.R. KHAN**

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପରିଚାଳନା ଜୋରଦାର
## ୫,୪୦୦ ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଗଲା





କେନ୍ଦୁଝର, ୩୧/୭(ନି/ପ୍ର): ଜିଲ୍ଲାରେ କ୍ରମାଗତ ବର୍ଷା ଯୋଗୁଁ ପ୍ରଭାବିତ ହୋଇଥିବା ଲୋକଙ୍କ ଜୀବନ ରକ୍ଷା ଏବଂ ପ୍ରଭାବଶାଳୀ ବନ୍ୟା ପରିଚାଳନା ନିଶ୍ଚିତ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍ଧାର, ସ୍ଥାନାନ୍ତର, ସହାୟତା ବଚଂନ ଏବଂ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଆଜି ତା ୨୯ ରିଖର ଦୈନିକ ସ୍ଥିତି ତଥ୍ୟ ଅନୁଯାୟୀ, ବନ୍ୟା ଜଳ ବିଭିନ୍ନ ବ୍ଲକ ଏବଂ ସହରାଚଂଳ ସ୍ଥାନୀୟ ସଂସ୍ଥାର ୯୩ ଟି ଗ୍ରାମ ଏବଂ ପଡ଼ାର ୪୯ ଟି ଗ୍ରାମ ପଚାଂୟତ/ ୱାର୍ଡକୁ ପ୍ରଭାବିତ କରିଛି, ଯାହା ଦ୍ୱାରା ୩୭,୫୩୪ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ବିପଦପୂର୍ଣ୍ଣ ଅଚଂଳରୁ ୫,୪୧୮ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ତୁରନ୍ତ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ୧୭ ଟି ମାଗଣା ରୋଷେଇ ଶାଳ କାର୍ଯ୍ୟକ୍ଷମ କରାଯାଇଛି, ଯେଉଁଥିରେ ୩,୮୫୯ ଜଣ ବୟସ୍କ ଏବଂ ୭୬୭ ଜଣ ଶିଶୁଙ୍କ ସମେତ ସମୁଦାୟ ୪,୨୬ ଜଣ ଲୋକ ଉପକୃତ ହେଉଛନ୍ତି। ପ୍ରଭାବିତ ପରିବାରଗୁଡ଼ିକୁ ନିୟମିତ ଭାବେ ଖାଦ୍ୟ ପ୍ୟାକେଟ୍, ରନ୍ଧା ଖାଦ୍ୟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବଚଂନ କରାଯାଉଛି। ଜିଲ୍ଲା ପ୍ରଶାସନ ପ୍ରଭାବିତ ଅଚଂଳରେ ୧୩୧ ଟି ପଲିଥିନ ସିଟ୍ ସହିତ ଚାଉଳ, ଚୁଡ଼ା, ଚିନି, ବିସ୍କୁଟ ଏବଂ ପିଇବା ପାଣି ବୋତଲ ସମେତ ରିଲିଫ୍ ସାମଗ୍ରୀର ସମୟୋଚିତ ବଚଂନ ମଧ୍ୟ ନିଶ୍ଚିତ କରିଛି। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଯେପରି ସହାୟତା ପହଚିଂପାରିବ ସେଥିପାଇଁ ରିଲିଫ୍ ବଚଂନର କ୍ରମାଗତ ଅନୁଧ୍ୟାନ କରାଯାଉଛି। ସବୁଠାରୁ ଅଧିକ ପ୍ରଭାବିତ ଅଚଂଳ ମଧ୍ୟରେ ହାଟଡିହି ବ୍ଲକରେ ସର୍ବାଧିକ ୩୧,୭୮୦ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ଆନନ୍ଦପୁର ବ୍ଲକ, ତେଲକୋଇ ବ୍ଲକ ଏବଂ ଆନନ୍ଦପୁର ପୌରପାଳିକାରେ ମଧ୍ୟ ବ୍ୟାପକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ଫଳରେ ବୃହତ ମାତ୍ରାରେ ସ୍ଥାନାନ୍ତର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି, ଯେଉଁଥିରେ ତେଲକୋଇରେ ୨୨୧ ମିଲିମିଟର, କେନ୍ଦୁଝର ସଦରରେ ୧୨୫.୨ ମିଲିମିଟର ଏବଂ ଆନନ୍ଦପୁର ପୌରପାଳିକାରେ ୮୯.୬ ମିଲିମିଟର ବର୍ଷା ହୋଇଛି। ଆକଳନ ଅନୁଯାୟୀ ୯ ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘର, ୧୯୨ ଟି ଆଂଶିକ କ୍ଷତିଗ୍ରସ୍ତ ଘର ଏବଂ ୪ ଟି ଗୋଶାଳା ନଷ୍ଟ ହୋଇଛି, ଯାହା ପାଇଁ ସରକାରୀ ନିୟମ ଅନୁଯାୟୀ କ୍ଷୟକ୍ଷତି ଆକଳନ ଏବଂ ସହାୟତା ପ୍ରଦାନ କାର୍ଯ୍ୟ କରାଯାଉଛି। ସମସ୍ତ ସମ୍ପୃକ୍ତ ବିଭାଗର ଅଧିକାରୀ, ଅଗ୍ନିଶମ ସେବା, ଓଡ୍ରାଫ୍, ସ୍ଥାନୀୟ ପ୍ରଶାସନ ଏବଂ ଜରୁରୀକାଳୀନ ମୁକାବିଲା ଦଳ ହାଇ ଆଲର୍ଟରେ ଅଛନ୍ତି। ନଦୀର ଜଳସ୍ତର, ଦୁର୍ବଳ ନଦୀବନ୍ଧ ଏବଂ ବନ୍ୟା ପ୍ରବଣ ଅଚଂଳର କ୍ରମାଗତ ଅନୁଧ୍ୟାନ କରାଯାଉଛି, ଅପରପକ୍ଷେ କ୍ଷେତ୍ର ଅଧିକାରୀମାନଙ୍କୁ ନିରବଚ୍ଛିନ୍ନ ରିଲିଫ୍, ଯୋଗାଯୋଗର ପୁନରୁଦ୍ଧାର ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ନାଗରିକମାନଙ୍କୁ ସତର୍କ ରହିବାକୁ, ଜଳମଗ୍ନ ଅଚଂଳକୁ ନଯିବାକୁ ଏବଂ ସରକାରୀ ପରାମର୍ଶ ପାଳନ କରିବାକୁ ଅନୁରୋଧ କରିଛି। ବନ୍ୟା ସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଚବିଶ ଘଚିଂଆ ଅନୁଧ୍ୟାନ ଏବଂ ସମନ୍ୱିତ ମୁକାବିଲା ପ୍ରୟାସ ଜାରି ରହିବ।

# କେନ୍ଦୁଝରରେ 'ଗୌ ସମ୍ମାନ ଆହ୍ୱାନ ଅଭିଯାନ'ର ଦ୍ୱିତୀୟ ଚରଣ ସମାପନ

କେନ୍ଦୁଝର, ୩୧/୭(ନି/ପ୍ର): ଗୋମାତାଙ୍କ ସେବା, ସୁରକ୍ଷା ଏବଂ ସମ୍ମାନକୁ ସୁନିଶ୍ଚିତ କରିବା ଦାବିରେ ଆଜି କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟଠାରେ 'ଗୋ ସମ୍ମାନ ଆହ୍ୱାନ ଅଭିଯାନ'ର ଦ୍ୱିତୀୟ ଚରଣ କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ ଆଜି କେନ୍ଦୁଝର ଜିଲ୍ଲାରେ ବିଜୟ ମନ୍ତ୍ର ଜପ, ଜଗନ୍ନାଥପୁର ଶିବ ମନ୍ଦିର ଠାରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଏବଂ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଓ ଜିଲ୍ଲାର ନାଗରିକଙ୍କ ଠାରୁ ୩୫୮୦୦୦ ରୁ ଉର୍ଦ୍ଧ୍ୱ ଦସ୍ତଖତ ଡିଜିଟାଲ ଫର୍ମ ରେ ପ୍ରଦାନ କରାଯାଇଥିଲା । ଗୋ ସମ୍ମାନ ଆହ୍ୱାନ ଅଭିଯାନର କେନ୍ଦୁଝର ଜିଲ୍ଲା ପ୍ରମୁଖ ମୋନାଲିସା ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ଦାଶ କହିଥିଲେ କି ସରକାର ଗୋମାତାଙ୍କୁ ରାଷ୍ଟ୍ର ମାତାର ସମ୍ମାନ ଦିଆଯାଉ ଏବଂ ଗୋ ହତ୍ୟା ନିଷେଧ ଆଇନ ସମଗ୍ର ଭାରତରେ ଲାଗୁ କରାଯାଉ। ପୁନର୍ବାର ଆମର ଦାବିପତ୍ର ଅକ୍ଟୋବର ୨୭ରେ ରାଜ୍ୟର ରାଜଧାନୀରେ ଓଡ଼ିଶାର ସମସ୍ତ ଜିଲ୍ଲାର ଗୋପ୍ରେମୀ ଭାଇ ଓ ଭଉଣୀ ମାନେ ଯୋଗଦେବେ। ଗୋ ସମ୍ପଦ କ୍ଷୟ ହେଲେ ମନୁଷ୍ୟର ଜୀବନ ଦୁର୍ବିସହ ହୋଇପଡ଼ିବ। ଏହି ବିଶାଳ ରାଲିରେ ଜିଲ୍ଲାର ସମସ୍ତ ତହସିଲରୁ ଶତାଧିକ ଗୋଭକ୍ତ ଓ ସନାତନୀ ଭାଇ ଓ ଭଉଣୀମାନେ ଅଦମ୍ୟ ଉତ୍ସାହର ସହିତ ଯୋଗ ଦେଇଥିଲେ ।

# ତେଲକୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ, ୨୪ ଘଟାଂରେ ୨୫୪.୧୪ ମିମି ବର୍ଷା



ତେଲକୋଇ,୩୧/୭(ନି.ପ୍ର): କେନ୍ଦୁଝରଜିଲ୍ଲା ତେଲକୋଇ ଅଚଂଳରେ ୨୪ ଘଟାଂ ଲଗାଣ ବର୍ଷାରେ ୨୫୪.୧୪ ମିମି ବର୍ଷା ରେକର୍ଡ କରାଯାଇଛି। ତେଲକୋଇ ଡାକବଙ୍ଗଳା ନିକଟସ୍ଥ ସମାକୋଇ ନଦୀର ପୋଲ ଉପରେ ପ୍ରଖର ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ତେଲକୋଇ ଏକ ପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ସଦ୍ୟ ମିଳିଥିବା ସୂଚନାନୁସାରେ, ସମାକୋଇ ପୋଲ ଉପରେ ୩ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଛି। ଫଳରେ ତେଲକୋଇ-ଭୁବନେଶ୍ୱର-କଟକ-ଢେଙ୍କାନାଳ-ତାଳଚେର-କାଳିଆହତା ପ୍ରଭୃତି ଅଚଂଳ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ନିକଟସ୍ଥ ରୁଗୁଡିହିସ୍ଥିତ ୪୯ ନଂ ଜାତୀୟ ରାଜପଥରେ ୨ ଫୁଟ ବର୍ଷା ପାଣି ପ୍ରବାହିତ ଯୋଗୁଁ ଗାଡ଼ି ମୋଟର ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି। ସମାକୋଇ ନଦୀର ତଳମୁଣ୍ଡରେ ପ୍ରବଳ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ଘୁରୁଡିଆ ନାଳ ପୋଲ ଉପରେ ମଧ୍ୟ ବନ୍ୟା ଜଳ ପ୍ରବାହିତ ହେଉଛି।ଯାହା ଫଳରେ କରଦାଙ୍ଗି ଅଚଂଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ରାଇସୁଆଁସ୍ଥିତ ଖଣ୍ଡାଧୋଆ ନାଳ ପୋଲ ଉପରେ ମଧ୍ୟ ବନ୍ୟା ଜଳ ପ୍ରବାହିତ ଯୋଗୁଁ ପଡୋଶୀ ଢେଙ୍କାନାଳ ଜିଲ୍ଲା ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।ଓରିଆବିରିଦା ପଚାଂୟତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପିଟାନାଳୀ ନାଳ ପୋଲ ଉପରେ ମଧ୍ୟ ପ୍ରଖର ସ୍ରୋତରେ ବନ୍ୟା ଜଳ ପ୍ରବାହିତ ହେଉଛି। ଗତକାଲି ସନ୍ଧ୍ୟାରୁ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଏଭଳି ସ୍ଥିତି ଉପୁଜିଛି।

# ଉତର ଓଡ଼ିଶା ଜଳାର୍ଣ୍ଣବ : ବୈତରଣୀରେ ବଡ଼ ବନ୍ୟା
## ବୁଢ଼ାବଳଙ୍ଗ, ସାଳନ୍ଦୀ, ଜଳକା ଉବୁଟୁବୁ



କେନ୍ଦୁଝର/ଯାଜପୁର/ଦଶରଥପୁର,୩୧/୭(ନି/ପ୍ର): ଉପରମୁଣ୍ଡ କେନ୍ଦୁଝର ଗୋନାସିକାରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀ ଆଜି ଭୟଙ୍କର ରୂପ ଧାରଣ କରିଛି। ଆନନ୍ଦପୁରଠାରେ ବୈତରଣୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିବା ଫଳରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ଏବଂ ଯାଜପୁର ଜିଲ୍ଲାର ଯାଜପୁର, ଦଶରଥପୁର ଓ ବିଂଝାରପୁର ବ୍ଲକ୍ ?ରେ ବଡ଼ଧରଣର ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଆଜି ରାତି ପ୍ରାୟ ୧୧ଟାବେଳେ ପ୍ରବଳ ବଢ଼ି ପାଣି ଆସିବା ଯୋଗୁଁ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ଅନ୍ତର୍ଗତ ବୈତରଣୀ ନଦୀର ଜୟନ୍ତରା ପଚାଂୟତ (ମହାପାତ୍ରସାହି)ଠାରେ ଏକ ନଦୀବନ୍ଧ ଭାଙ୍ଗିଯାଇଛି। ଫଳରେ ମହାପାତ୍ର ସାହିର ୧୦୦ରୁ ଅଧିକ ଘରେ ବନ୍ୟାଜଳ ପ୍ରବେଶ କରିଛି। ପରିସ୍ଥିତି ସଙ୍ଗିନ ଥିବାରୁ ଯୁଦ୍ଧକାଳୀନ ଭିତିରେ ବାଲିବସ୍ତା ପକାଇ ଜଳସ୍ରୋତକୁ ରୋକିବା ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ତଳିଆ ଅଚଂଳରୁ ଲୋକଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ କେନ୍ଦୁଝର ଜିଲ୍ଲାର କାନପୁର ପ୍ରକଳ୍ପ ଜଳଭଣ୍ଡାର ପ୍ରଥମଥର ପାଇଁ ସମ୍ପୂର୍ଣ୍ଣ ଭର୍ତ୍ତି ହୋଇଛି। କେନ୍ଦୁଝର ଜିଲ୍ଲା ଜରୁରିକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଅପରାହ୍ଣ ୪ଟା ସୁଦ୍ଧା ମିଳିଥିବା ସୂଚନା ଅନୁସାରେ, ସକାଳ ୮ରୁ ଅପରାହ୍ଣ ୪ଟା ମଧ୍ୟରେ ଜିଲ୍ଲାରେ ୧୦୬୨.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏଠାରେ ହାରାହାରି ବର୍ଷା ୮୧.୭୨ ମିଲିମିଟର ରହିଛି। ତେଲକୋଇରେ ସର୍ବାଧିକ ୧୭୬.୮ ମିଲିମିଟର ବର୍ଷା ହୋଇଛି। କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ମୁତାବକ ବୈତରଣୀର ସତର୍କତା ସ୍ତର ଆନନ୍ଦପୁରଠାରେ ୩୭.୪୪୫ ମିଟର ଏବଂ ବିପଦ ସଙ୍କେତ ୩୮.୩୬୦ ମିଟର। ଅପରାହ୍ଣ ୫ଟା ସୁଦ୍ଧା ଏଠାରେ ଜଳସ୍ତର ୩୯.୩୮୦ ମିଟରରେ ପହଚିଂଥିଲା। ଅର୍ଥାତ୍ ବୈତରଣୀ ବିପଦ ସଙ୍କେତଠାରୁ ପ୍ରାୟ ୧.୦୨ ମିଟର ଉପରେ ପ୍ରବାହିତ ହେଉଛି। ଲଗାଣ ବର୍ଷାର ସିଧାସଳଖ ପ୍ରଭାବ କାନପୁର ଜଳସେଚନ ପ୍ରକଳ୍ପ ଉପରେ ପଡ଼ିଛି। ପ୍ରଥମଥର ପାଇଁ ଜଳଭଣ୍ଡାର ସମ୍ପୂର୍ଣ୍ଣ ଭର୍ତ୍ତି ହୋଇ କ୍ରେଷ୍ଟ ଲେବଲ୍ ?ରେ ପହଁଚିଛି। ପରିସ୍ଥିତି ଉପରେ ଜଳସେଚନ ବିଭାଗର ଅଧିକାରୀମାନେ ନଜର ରଖିଛନ୍ତି। ଆବଶ୍ୟକ ପଡ଼ିଲେ ଗେଟ୍ ଖୋଲିବାକୁ ପଦକ୍ଷେପ ନିଆଯିବ

# ତିନିଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ



## ଉଚ୍ଚସ୍ତରୀୟ ବୈଠକରେ କଲେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା

କେନ୍ଦୁଝର,୩୧/୭(ନି/ପ୍ର) :ଜିଲ୍ଲାଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ପ୍ରକଳ୍ପଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ତଦାରଖ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ଜିଲ୍ଲାକୁ ପ୍ରଭାରୀ ସଚିବମାନଙ୍କୁ ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ (ଭା.ପ୍ର.ସେ.) ତିନିଦିନିଆ ଗସ୍ତରେ ଆସି ଆଜି କେନ୍ଦୁଝରରେ ପହଚିଂଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା, କାର୍ଯ୍ୟକ୍ରମ ଓ ସେଗୁଡ଼ିକର ସଫଳତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଶ୍ରୀ ବଶିଷ୍ଠ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଓ ଏହାର ସୁଫଳ ଲୋକଙ୍କ ନିକଟରେ ପହଚିଂବା ନେଇ ବ୍ୟାପକ ସମୀକ୍ଷା କରିଥିଲେ। ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଫଳାଫଳ ଯେପରି ପ୍ରକୃତ ହିତାଧିକାରୀଙ୍କ ପାଖରେ ଠିକ୍ ସମୟରେ ପହଚିଂପାରିବ, ସେଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆନ୍ତରିକତା ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ସାମାଜିକ ସୁରକ୍ଷା ଯୋଜନା, ଭିନ୍ନକ୍ଷମ ସଶକ୍ତୀକରଣ ଏବଂ ଗ୍ରାମାଚଂଳର ବିକାଶମୂଳକ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। 'ଅନ୍ତୋଦୟ ଗୃହ ଯୋଜନା' ଅଧୀନରେ ବିଶେଷ କରି ଭିନ୍ନକ୍ଷମ ଓ ନିର୍ଦ୍ଦିଷ୍ଟ କ୍ୟାଟେଗୋରୀର ହିତାଧିକାରୀଙ୍କ ପାଇଁ ନିର୍ମାଣାଧୀନ ଏବଂ ବକେୟା ଥିବା ଘରଗୁଡ଼ିକୁ ଅତି ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ମଧୁବାବୁ ପେନ୍‌ସନ୍ ଯୋଜନା, ବାଣୀଶ୍ରୀ ସ୍କଲାରସିପ୍, ବୃଦ୍ଧାଶ୍ରମ, ଭିକ୍ଷାବୃତ୍ତି ପୁନର୍ବାସ କେନ୍ଦ୍ର 'ସହାୟ' ଏବଂ ସେତୁ ବନ୍ଧନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଗ୍ରାମାଚଂଳରେ 'ହର ଘର ଜଳ' ଯୋଜନା ମାଧ୍ୟମରେ ସମସ୍ତଙ୍କୁ ପାନୀୟ ଜଳ ଯୋଗାଣ ଏବଂ 'ସ୍ୱଚ୍ଛ ଭାରତ ମିଶନ୍' ଅଧୀନରେ ଗ୍ରାମଗୁଡ଼ିକୁ ପରିଷ୍କାର-ପରିଚ୍ଛନ୍ନ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି 'ହାଉସିଂ ଏବଂ ଅର୍ବାନ୍ ଡେଭେଲୋପମେଣ୍ଟ' ବିଭାଗର 'ଅମୃତ' ସ୍କିମ୍ ଜରିଆରେ ସହରାଚଂଳ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ପଚଂସଖା ଶିକ୍ଷା ସେତୁ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, 'ପିଏମ୍ ଶ୍ରୀ' ସ୍କୁଲ୍ ଏବଂ ୨୦୨୬-୨୭ ବର୍ଷ ପାଇଁ 'ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ' କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ପୋଷଣ ଅଭିଯାନ, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା ଓ ମମତା ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। 'ସୁଭଦ୍ରା ଯୋଜନା'ରେ ସଫଳତାର ସହ ୪ଟି କିସ୍ତି ପ୍ରଦାନ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ଏହା ସହିତ ଅଙ୍ଗନବାଡ଼ି କୋଠା ନିର୍ମାଣର ସ୍ଥିତି, ପିଏମ୍ ଜନମନ୍ ଏବଂ ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜନଜାତିଙ୍କ ବିକାଶ ପାଇଁ 'ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ', 'ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ', 'ପିଏମ୍ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା' ଏବଂ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ 'ମାଧୋ ସିଂ ହାତଖର୍ଚ୍ଚ ଯୋଜନା'ର ସମୀକ୍ଷା କରାଯାଇଥିଲା। 'ଶ୍ରୀ ଅନ୍ନ ଅଭିଯାନ' (ମିଲେଟ ମିସନ୍), 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା', କୃଷକମାନଙ୍କୁ ସୁବିଧାରେ ଋଣ ପ୍ରଦାନ ଏବଂ ଖାଉଟି କଲ୍ୟାଣ ଓ ଯୋଗାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗରେ 'ପିଏମ୍ ବିଶ୍ୱକର୍ମା' ଯୋଜନା, ଏସ.ଏଫ୍.ୟୁ.ଆ.ଟି.ଆଇ. (ସ୍ଫୁର୍ତ୍ତି) କ୍ଲଷ୍ଟର, ଟିପିଏନଓଡିଏଲ ଦ୍ୱାରା 'ପିଏମ୍ ସୂର୍ଯ୍ୟ ଘର' ଯୋଜନାର ସ୍ଥିତି ଏବଂ କେନ୍ଦୁଝର ଜିଲ୍ଲାରେ ଗ୍ରୀଡ୍ (ସୌର) ବିଦ୍ୟୁତୀକରଣ କାର୍ଯ୍ୟ ସହ ଆପତ୍ତି ଅଭିଯୋଗ ସମାଧାନ ପ୍ରକ୍ରିୟାର ସମୀକ୍ଷା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡି.ଏମ୍.ଏଫ୍.)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡକ୍ଟର ରିନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗାଭୂଷଣ, ଜିଲ୍ଲା ସହରାଚଂଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀ, କେନ୍ଦୁଝର ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ଦଳାଇଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ନୂଆପଡ଼ା, ୩୧/୭(ନି/ପ୍ର): ନୂଆପଡ଼ା ଜିଲ୍ଲା ସଦରମହକୁମାରେ ଆସନ୍ତା ୧୫ ଅଗଷ୍ଟ ୨୦୨୬ରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ ସ୍ୱାଧୀନତା ଦିବସ ପାଳନ ସମ୍ପର୍କିତ ବିଭିନ୍ନ ପ୍ରସ୍ତାବିତ କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଅଗଷ୍ଟ ୧୫ ତାରିଖ ପ୍ରାତଃ ୫ଟାରୁ ରାମଧୁନ ଓ ସହର ପରିକ୍ରମା, ୫.୩୦ରୁ ପ୍ରଭାତଫେରି ଏବଂ ସକାଳ ୭ଟାରୁ ବିଭିନ୍ନ ସରକାରୀ, ବେସରକାରୀ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତୋଳନ କରାଯିବ। ପରେ ଗାନ୍ଧୀ ଉଦ୍ୟାନସ୍ଥିତ ମହାତ୍ମା ଗାନ୍ଧୀ ଓ ଏକତା ଛକସ୍ଥିତ ଘାସିରାମ ମାଝୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବ। ସ୍ଥାନୀୟ ମିନି ଷ୍ଟାଡିୟମରେ ପୂର୍ବାହ୍ନ ୯.୧୫ ମିନିଟରେ ମୁଖ୍ୟ ସମାରୋହ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବା ସହ ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିବେ ଏବଂ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ପ୍ୟାରେଡରେ ବିଭିନ୍ନ ପୁଲିସ ଦଳ, ଏନ୍‌ସିସି, ଛାତ୍ରଛାତ୍ରୀ ଓ ବିଭିନ୍ନ ଅନୁଷ୍ଠାନର ଦଳ ଅଂଶଗ୍ରହଣ କରିବେ। ସ୍ୱାଧୀନତା ଦିବସ ଉପଲକ୍ଷେ ଦେଶାତ୍ମବୋଧକ ସଙ୍ଗୀତ, ଓଡ଼ିଆ ଓ ଇଂରାଜୀ ବକ୍ତୃତା ଏବଂ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯିବ। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଏଥିରେ ଅଂଶଗ୍ରହଣ କରିବେ। ମୁଖ୍ୟ ସମାରୋହରେ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯିବ। ଅଗଷ୍ଟ ୧୪ ତାରିଖ ସନ୍ଧ୍ୟାରେ ସଦଭାବନା ସଭାଗୃହରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଓ 'ସ୍ୱାଧୀନତା ସଂଗ୍ରାମରେ ନୂଆପଡ଼ା ଜିଲ୍ଲାର ଅବଦାନ' ଶୀର୍ଷକ ଆଲୋଚନାଚକ୍ର ଆୟୋଜନ କରାଯିବ। ଏଥିରେ କବି, ଲେଖକ, ଛାତ୍ରଛାତ୍ରୀ ଓ ଆଗ୍ରହୀ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିବେ। ଏହାସହ ଅଗଷ୍ଟ ୧୫ ତାରିଖ ଅପରାହ୍ନରେ ଷ୍ଟାଡିୟମ ପରିସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଆୟୋଜନ କରାଯିବ। ସନ୍ଧ୍ୟାରେ ପୁଲିସ ପଡ଼ିଆସ୍ଥିତ କଲ୍ୟାଣମଣ୍ଡପରେ ଦେଶାତ୍ମବୋଧକ ସାଂସ୍କୃତିକ ବିଚିତ୍ରା ଏବଂ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଏନ୍‌ଏସିରେ 'ଭାରତୀୟମ' ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତି ହୋଇଛି। ଏହି ଅବସରରେ ଜିଲ୍ଲାର ଦୁଇଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଚୟନ କମିଟି ଗଠନ କରାଯିବ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼ାଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, ସମସ୍ତ ବିଭାଗୀୟ ଅଧିକାରୀ, ପୁଲିସ ପ୍ରଶାସନ, ଶିକ୍ଷାନୁଷ୍ଠାନର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପେପର ମିଲରୁ ଟ୍ରାନସଫରମର ତମ୍ବା ତାର ଲୁଟ୍

ଜୟପୁର,୩୧/୭(ନି/ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଗାଗନାପୁର ସ୍ଥିତ ପେପର ମିଲରୁ ଟ୍ରାନସଫରମର ତମ୍ବା ତାର ଲୁଟ ହୋଇଛି । ସିକ୍ୟୁରିଟି ଠିକାଦାର ସନ୍ତୋଷ ମଲ୍ଲିକ ଅଭିଯୋଗ କରିଛନ୍ତି । ଗତ ୨୭ ତାରିଖ ଦିନ ସିକ୍ୟୁରଟି ଗାର୍ଡ ମାନଙ୍କୁ ମାରଣାସ୍ତ୍ର ଦେଖାଇ ମୋବାଇଲ ଲୁଟ କରି ରୁମ ୩ ଜଣ କୁ ବାନ୍ଧୀ ଲୁଟ କରିଛନ୍ତି । ଦୁବୃର୍ତ୍ତ ମନେ ଟ୍ରାନସଫମର ଆଦି ଯନ୍ତ୍ରାଂସ ଲୁଟ କରି ନେଇ ଥିବା ଅଭିଯୋଗ ହୋଇଛି । ଅଭିଯୋଗ କୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୁଚନା ଦେଇଛନ୍ତି । ଅନ୍ୟ ପକ୍ଷରେ କାଗଜ କଳ କଳ ଜଳ ଉତ୍ସରୁ ଟ୍ରାନ୍ସଫରମର୍ ଚୋରି ଓ ଜଣେ ଶ୍ରମିକ ଗୁରୁତର ଆହତ । କାଗଜ କଳକୁ ଆଠ କିମି ଦୁରରୁ ପାଣି ଆଣିବା ପାଇଁ ବଡ଼ ମୋଟର ବସିଛି । ଏଥିପାଇଁ ଦୁଇଟି ଟ୍ରାନ୍ସଫରମର୍ ରହିଛି । ମାସକ ତଳେ ଗୋଟିଏ ଟ୍ରାନ୍ସଫରମର୍ ରୁ ତମ୍ବା କଏଲ୍ କାଟି ନେଇଯାଇଥିଲେ । ଦୁଇଦିନ ତଳେ ଚାଲିବା କ୍ଷମତା ରଖୁଥିବା ଟ୍ରାନ୍ସଫରମର୍ ରୁ ତମ୍ବା କଏଲ୍ କାଟି ନେଇଯାଇଛନ୍ତି । ସେକ୍ୟୁରିଟି ଗାର୍ଡ ମାନଙ୍କୁ ମାସ ମାସ ଧରି ଦରମା ନଦେବା ଯୋଗୁଁ ସେମାନେ ବରାବର ଡ୍ୟୁଟି ଯାଉ ନାହାଁନ୍ତି, ତା ସହ ଲଗାଣ ବର୍ଷା ଏବଂ ସେଠାରେ ବିଦ୍ୟୁତ୍ ସରବରାହ ବନ୍ଦ ଥିବା ଚୋର ମାନଙ୍କ ପାଇଁ ଖୋଲା ପଡ଼ିଛି। ଇତି ମଧ୍ୟରେ ପ୍ରାୟ ଦଶ ଦିନ ତଳେ ଜଣେ କଂଟ୍ରାକ୍ଟର ଲେବର୍ କାମ କରିବା ସମୟରେ ତାର ଗୋଡ କଟି ଯାଇଛି ଯେଉଁଠି ପ୍ରାୟ ବାରଟି ସିଲେଇ ପଡ଼ିଛି। କାରଖାନା ଚାଲୁ ନଥିଲା ବେଳେ କିଛି ଯନ୍ତ୍ର ପାତି ରକ୍ଷଣାବେକ୍ଷଣ ପାଇଁ ୱେଲଡିଙ୍ଗ୍ କରାଯାଉଥିଲା। ଅତି ଗଭୀର ଆଘାତରୁ ଶ୍ରମିକ ଟି ରକ୍ଷା ପାଇ ଯାଇଛି। ଶ୍ରମିକ ଟିକୁ ମାତ୍ର ଦୁଇଶହ ଟଙ୍କା ଦିଆ ଯାଇଛି। ଇଏସଆଇ ଚିକିତ୍ସା ପାଇଁ ମଧ୍ୟ ସୁବିଧା ନାହିଁ।

ଉତ୍କଳ ସମାଚାର

## ସମ୍ପାଦକୀୟ...
### ଶନିବାର ୧ ଅଗଷ୍ଟ ୨୦୨୬

# ହିତକାରୀ ହେନ୍ତାଳ

ସାଧାରଣତଃ ସମୁଦ୍ର ମୁହାଣ ସଂଲଗ୍ନ ସ୍ଥାନର ସବୁଜିମାକୁ ହେନ୍ତାଳ ବୋଲି କୁହାଯାଇଥାଏ । ସେଠାରେ ନଦୀଗୁଡ଼ିକ ସମୁଦ୍ରରେ ମିଶନ୍ତି । ସମୁଦ୍ର ଜଳର ଜ୍ୱୁଆର ଓ ଭଟ୍ଟା ଦ୍ୱାରା ଲବଣାକ୍ତ ଓ କର୍ଦ୍ଦମାକ୍ତ ପରିବେଶରେ ବଢୁଥିବା ସ୍ୱତନ୍ତ୍ର ଉଦ୍ଭିଦ ଗୋଷ୍ଠୀ ହେଲେ ହେନ୍ତାଳ । ସ୍ଥଳ ଓ ସାଗର ସୀମାର ଆର୍ଦ୍ର ଭୂଇଁରେ ହେନ୍ତାଳ ଜଙ୍ଗଲ ସୃଷ୍ଟି ହୋଇ ଅନନ୍ୟ ଜୈବ ବିବିଧତାର ପରିସଂସ୍ଥା ପାଲଟେ । ହେନ୍ତାଳ ଜାତୀୟ ଗଛବୃଛର ବିଶେଷତ୍ୱ ହେଲା ଗାଢ଼ ଲବଣ ଜଳସିକ୍ତ ଜଳମଗ୍ନ ମାଟିରେ ଏହା ବଢ଼େ ଏବଂ ଏଭଳି ସ୍ଥଳେ ଅମ୍ଳଜାନ ଲାଗି ଏହି ଗଛର ଚେର ପୁଣି ମାଟି ଫୁଟେଇ ଉପର ମୁହାଁ ହୋଇ ଜଳ ସ୍ତର ବାହାରକୁ ବାହାରିଥାଏ । ଏହି ଗଛର ରସାଳ, ତୈଳାକ୍ତ ଓ ସ୍ୱୟଂ ସଂକୋଚନକାରୀ ଛିଦ୍ର ଓ ଲବଣ ଗ୍ରନ୍ଥିଯୁକ୍ତ ପତ୍ର, ପରିସ୍ଥିତି ଅନୁସାରେ ଲବଣ ଓ ଜଳ ନିଷ୍କାସନ କରି, ଏହାକୁ ବଚାଂଇ ରଖିବା ଓ ପଲ୍ଲବିତ କରିବାରେ ସାହାଯ୍ୟ କରେ । ମଧୁର ବର୍ଷା ଜଳ ସଂଗ୍ରହ ପାଇଁ ଏହି ଗଛରେ ଥାଏ ବାୟବୀୟ ଝୁଲନ୍ତା ଚେର । ନରମ ଭୂମିରେ ଦୃଢ଼ ଭାବରେ ଛିଡ଼ା ହେବା ଲାଗି ଠେସ ଚେର ଓ ବାୟୁମଣ୍ଡଳରୁ ଅମ୍ଳଜାନ ଆହରଣ କରିବା ଲାଗି ମାଟିଫୁଟା ଊର୍ଦ୍ଧ୍ୱମୁଖୀ ଚେର ହେଉଛି ପ୍ରକୃତିର ପ୍ରଜ୍ଞାର ପ୍ରମାଣ ।  ଶତାଧିକ ପ୍ରଜାତିର ଗଛଲତା ହେନ୍ତାଳ ପରସରଭୁକ୍ତ । ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାକୁ ମୁଖ୍ୟତଃ ୪ଟି ଦଳରେ ବିଭକ୍ତ କରାଯାଇଛି; ଯଥା- ପ୍ରକୃତ, ସହଯୋଗୀ, ଆବଦ୍ଧାଂଚଳ ଓ ବେଳାଭୂମି ଗୁଳ୍ମଲତା । ବନି, ବନରୁଆ, ଖରଷି, ସୁନ୍ଦରୀ, ବିନ୍ଦରୀ, ଗରଣୀ, ଗୁଆଁ, ସିନ୍ଦୁକା, ଚୁରୁଣ୍ଡା, ନିପାତାଳ, ରାଇ, ଓରୁଆ, କେରୁଆଁ, ପିତାମାରି, ପିତାକୋରୁଆ ଇତ୍ୟାଦି ହେଉଛନ୍ତି ପ୍ରମୁଖ ପ୍ରକୃତ ଗୋଷ୍ଠୀର । ହରକଂଚା, ଖରଖରୀ, ପାଣିଆମ୍ବ, ଚିଆନି, ସିଙ୍ଗଡ଼ା, କତିରାନଇ, ଗୋହିରାକଂଟା, ରାଇଗିଡ଼ି, ବାତୁଲା, ନଳ, ନଳିଆ, କେତୁକଳା, ଶିପଲ, ଗିରିଆ ଓ ପୁରୁଣି ଇତ୍ୟାଦି ସହଯୋଗୀ ଶ୍ରେଣୀର । ଖାଣ୍ଡକୋଳି, ଗିଲ, ନେନ୍ତେଇ, ମାଲଙ୍ଗ, ମାହି ଗୋଶିଙ୍ଗା, ବହୁମୃଗ, ବନିଆ, ବଣଲେମ୍ବୁ, ହଂସିଘାଷ, କେଉଟି ଘାଷ, ଲୁଣିକିଆ ଓ କେତକୀ, କିଆ ଭଳି ଗଛ 'ବ୍ୟାକ୍ ? ୱାଟର' ବା ସମୁଦ୍ରର ଫେରନ୍ତା ପାଣି ପାଉଥିବା ଅଂଚଳରେ ଦେଖାଯାଉଥିବା ବେଳେ ତଟୀୟ ବାଲୁକାରେ କଂସାରି ଲତା ଓ ଲୁଣି ମୁଥା ପ୍ରଭୃତି ଦେଖାଯାଆନ୍ତି । କାଠର ବିଭିନ୍ନ ରଙ୍ଗ ହେତୁ ହେନ୍ତାଳ ଗଛର ନାମକରଣ ଧଳା, ଧୂସର, କଳା, ଲାଲ ଓ ହଳଦିଆ ଭଳି ରଖାଯାଇଛି ।  ବିଶ୍ୱ ବନ ସଂପଦ ଆକଳନ ୨୦୨୦ର ବିବରଣୀ ଅନୁଯାୟୀ ପୃଥିବୀର ୧୧୩ଟି ଦେଶରେ ୧.୪୭ ଲକ୍ଷ ବର୍ଗ କିଲୋମିଟର ପରିମିତ ଅଂଚଳରେ ହେନ୍ତାଳ ଜଙ୍ଗଲ ଅଛି, ଯାହା ଭୂପୃଷ୍ଠର ମାତ୍ର ୦.୧% ଓ ଏହା ବିଷୁବ ରେଖାର ଉଭୟ ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ୩୦ ଡିଗ୍ରି ମଧ୍ୟରେ ମୁଖ୍ୟତଃ ସୀମିତ । ଇଣ୍ଡୋନେସିଆ, ବ୍ରାଜିଲ, ନାଇଜେରିଆ, ଅଷ୍ଟ୍ରେଲିଆ, ମାଲେସିଆ ଓ ମେକ୍ସିକୋରେ ପୃଥିବୀର ଅର୍ଦ୍ଧାଧିକ ହେନ୍ତାଳ ବନ ଅଛି । ଭାରତର ବନ ସ୍ଥିତି ରିପୋର୍ଟ ୨୦୨୧ ଅନୁସାରେ ପଶ୍ଚିମବଙ୍ଗ, ଗୁଜୁରାଟ, ମହାରାଷ୍ଟ୍ର, ଗୋଆ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, କର୍ଣ୍ଣାଟକ ଓ ଓଡ଼ିଶା ଭଳି ନଅଟି ସମୁଦ୍ର ତଟଧାରୀ ରାଜ୍ୟ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଡାମନ ଡିଉ ଓ ପୁଡୁଚେରୀ ଭଳି ତିନିଟି ସମୁଦ୍ର କୂଳବର୍ତ୍ତୀ କେନ୍ଦ୍ରଶାସିତ ଅଂଚଳର ସର୍ବମୋଟ ୪,୯୯୨ ବର୍ଗ କିଲୋମିଟର ପରିମିତ ଅଚଯଳରେ ହେନ୍ତାଳ ବନ ଅଛି । ଏହା ଦେଶର ଭୌଗୋଳିକ ଆୟତନର ମାତ୍ର ୦.୧୫% । ହେନ୍ତାଳ ବନର ସର୍ବାଧିକ ୪୨.୪୫% ପଶ୍ଚିମବଙ୍ଗରେ ଥିବା ବେଳେ ୨୩.୬୬% ସହିତ ଗୁଜୁରାଟ ଦ୍ୱିତୀୟ ଓ ୧୨.୩୯% ସହିତ ଆଣ୍ଡାମାନ ନିକୋବାର ଦ୍ୱିପପୁଞ୍ଜ ତୃତୀୟ ସ୍ଥାନରେ ଅଛି । ଓଡ଼ିଶାରେ ୨୫୯ ବର୍ଗକିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଅଂଚଳରେ ହେନ୍ତାଳ ବନ ଅଛି ।  ଏହା ଦେଶର ୫.୧% ଓ ତାଲିକାରେ ଷଷ୍ଠ ସ୍ଥାନରେ । ବରୁଣେଇ ମୁହାଣଠାରୁ ଧାମାରା ମୁହାଣ ପର୍ଯ୍ୟନ୍ତ ପରିବ୍ୟାପ୍ତ ବ୍ରାହ୍ମଣୀ ବୈତରଣୀ ତ୍ରିକୋଣଭୂମି, ବରୁଣେଇ ମୁହାଣରୁ ପାରାଦ୍ୱୀପ ମୁହାଣ ମଧ୍ୟବର୍ତ୍ତୀ ମହାନଦୀ ତ୍ରିକୋଣଭୂମି, ଧାମରା ମୁହାଣ ଠାରୁ ଚୁଡ଼ାମଣି ପର୍ଯ୍ୟନ୍ତ ଅଂଚଳରେ ହେନ୍ତାଳ ଜଙ୍ଗଲ ଅଛି । ଏହା ଛଡ଼ା ସୁବର୍ଣ୍ଣରେଖା ମୁହାଣ ଓ ପାରାଦ୍ୱୀପ ମୁହାଣରୁ ଦେବୀ ଓ କାଦୁଆ ମୁହାଣ ପର୍ଯ୍ୟନ୍ତ ସ୍ଥାନରେ ମଧ୍ୟ ହେନ୍ତାଳ ରହିଛି । କେନ୍ଦ୍ରାପଡ଼ା ଜିଲ୍ଲାରେ ସର୍ବାଧିକ ୨୦୯.୨୫ ବର୍ଗ କିଲୋମିଟର ଓ ପୁରୀରେ ସର୍ବନିମ୍ନ ୧.୧୧ ବର୍ଗ କିଲୋମିଟର ଅଂଚଳରେ ହେନ୍ତାଳବଣ ଅଛି । ଭିତରକନିକା ଅଭୟାରଣ୍ୟ ଭାରତର ତୃତୀୟ ସର୍ବବୃହତ୍ ହେନ୍ତାଳ ଆଚ୍ଛାଦିତ ଅଂଚଳ । ହେନ୍ତାଳ ଗଛର ଉପାଦେୟତା ଅନେକ । ସମୁଦ୍ର ଗ୍ରାସରୁ ସ୍ଥଳ ଓ କୂଳକୁ ଏହା ରକ୍ଷା କରେ । ବାତ୍ୟା ବନ୍ୟା ଭଳି ବିପର୍ଯ୍ୟୟଜନିତ କ୍ଷୟକ୍ଷତି ହେନ୍ତାଳ ବନର ସୁରକ୍ଷା ପ୍ରାଚୀର ହେତୁ ହ୍ରାସ ପାଇଥାଏ । ବର୍ଜ୍ୟ ଜଳରୁ ଭାସମାନ ମୃତିକା କଣିକାକୁ ଆବଦ୍ଧ କରି ଉର୍ବର ମାଟି ସ୍ତର ତିଆରି କରିଥାଏ । କ୍ରମବର୍ଦ୍ଧିଷ୍ଣୁ ଅଙ୍ଗାରର ସୁଦକ୍ଷ ଶୋଷଣକାରୀ ଓ ଦୀର୍ଘ ଗଚ୍ଛିତକାରୀ ବୃକ୍ଷ ହେଉଛି ହେନ୍ତାଳ; କାରଣ ଅନ୍ୟ ଗଛ ତୁଳନାରେ ହେନ୍ତାଳର ଅଙ୍ଗାର ଆହରଣ କ୍ଷମତା ୫ ଗୁଣ ଅଧିକା । ନାନା ଜାତିର ମାଛ, ଚିଙ୍ଗୁଡ଼ି, କଙ୍କଡ଼ା, ଗେଣ୍ଡା, ଶାମୁକା, କଇଁଛ, ବିଛା, ଉଇ, ପିମ୍ପୁଡ଼ି, ବୁଢ଼ିଆଣି, ମାଛି ଓ ପ୍ରଜାପତି ଇତ୍ୟାଦି ଭଳି ଅମେରୁଦଣ୍ଡୀ ଜୀବ, କୁମ୍ଭୀର, ଗୋଧି ଓ ବିଭିନ୍ନ ଜାତିର ସାପଙ୍କ ଭଳି ସରୀସୃପଙ୍କ ବିଚରଣ, ପ୍ରଜନନ ଓ ଆଶ୍ରୟସ୍ଥଳୀ ହେଉଛି ହେନ୍ତାଳ ବନ । ହରିଣ, ବିରାଡ଼ି, ଭାଲୁ ଏପରିକି ମହାବଳ ବାଘର ବାସସ୍ଥାନ ମଧ୍ୟ ହେନ୍ତାଳ ବନ । ସୁନ୍ଦରବନର ବାଘଙ୍କ କଥା କିଏ ବା ନ ଜାଣେ ସେମିତି ବଗ, ବାଜେଣି, ଘଟୁଆଳ, ଦଦରାହଣା, ଏରା, ସମୁଦ୍ର କୁଆ ଓ ପାଣି ଡୁବୁକି ଭଳି ପକ୍ଷୀମାନଙ୍କର ଏହା ଆବାସ । ସୁତରାଂ, ଏହାର ଜୈବବିବିଧତା ଅନନ୍ୟ । ଲୁଣିପାଣି ଓ କୀଟ ପ୍ରତିରୋଧକ ହେନ୍ତାଳ ଗଛର ଟାଣ କାଠ ସମୁଦ୍ର କୂଳିଆ ବାସଗୃହ, ଜେଟି ଓ ଡଙ୍ଗା ନିର୍ମାଣର ଶସ୍ତା, ସୁନ୍ଦର, ସୁଲଭ ଓ ସର୍ବୋତମ ଉପାଦାନ । କିନ୍ତୁ, ଉଦ୍‌ବେଗର ବିଷୟ ଯେ କୃଷି, ଚିଙ୍ଗୁଡ଼ି ଘେରି ଓ ଚାଷ, ଉପକୂଳାଂଚଳର ବିକାଶ ପାଇଁ ହେନ୍ତାଳ ଜଙ୍ଗଲ କ୍ରମେ ସଂକୁଚିତ ହେବାରେ ଲାଗିଛି । ଗତ ବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫୪୦ ବର୍ଗକିଲୋମିଟର ଅଂଚଳରେ ହେନ୍ତାଳ ବଣର ପୁନରୁଦ୍ଧାର ଓ ପୁନଃ ବନୀକରଣ ଲକ୍ଷ୍ୟରେ 'ମିଷ୍ଟି' ନାମକ ଏକ ୫ବର୍ଷିଆ ଯୋଜନାର ଶୁଭାରମ୍ଭ କରାଯାଇଛି । ହେନ୍ତାଳ ମହୋତ୍ସବ ଜରିଆରେ ଆମ ରାଜ୍ୟ ପକ୍ଷରୁ ସଚେତନତା ସୃଷ୍ଟି ଓ ବନୀକରଣ ପାଇଁ ଜମି ଦେଉଥିବା ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ପ୍ରୋତ୍ସାହନ ନିମନ୍ତେ ୩.୭୦ କୋଟି ଟଙ୍କାର ।

# ପିଲାଙ୍କ ପାଠ୍ୟପୁସ୍ତକ କେମିତି ହେବ

ଗାନ୍ଧୀଙ୍କୁ ଥରେ ପ୍ରଶ୍ନ କରାଯାଇଥିଲା, "ବାପୁ, 'ଶିକ୍ଷା ଏକ ଜ୍ଞାନ ଯାହା ମୁକ୍ତି ଦିଏ', ଶିକ୍ଷାର ଏ ସଂଜ୍ଞାକୁ ଆପଣ କେମିତି ଅର୍ଥ କରନ୍ତି ?'' ଗାନ୍ଧୀଙ୍କ ଉତର ଥିଲା, "ମୋ ମତରେ ଜ୍ଞାନ ଏଠି ଅଧ୍ୟାତ୍ମିକ ଜ୍ଞାନ ନୁହେଁ, କିମ୍ବା ମୁକ୍ତି ଏଠି ମୋକ୍ଷ ବା ନିର୍ବାଣ ନୁହେଁ । ଯେଉଁ ଶିକ୍ଷା ବଚଂିବା ପାଇଁ ପ୍ରଶିକ୍ଷଣ ଦେଇଥାଏ ଏବଂ ଭୋକ, ଭୟ ଓ ଅନ୍ଧବିଶ୍ୱାସର ଦାସତ୍ୱରୁ ମୁକ୍ତି ଦେଇ ସ୍ୱାବଲମ୍ବୀ ଓ ସଶକ୍ତ କରିଥାଏ, ତାହା ହିଁ ପ୍ରକୃତ ଶିକ୍ଷା, ପ୍ରକୃତ ଜ୍ଞାନ ଓ ମୁକ୍ତି । ଏହି ପ୍ରଶିକ୍ଷଣ କିନ୍ତୁ ପ୍ରାଥମିକ ଶିକ୍ଷାରୁ ଆରମ୍ଭ ହେବା ଦରକାର, କାରଣ ପ୍ରାଥମିକ ଶିକ୍ଷା ହେଉଛି ଶିକ୍ଷାର ମୂଳପିଣ୍ଡ ।''  ୧୯୩୩ ଡିସେମ୍ବର ୧ ତାରିଖ 'ହରିଜନ' ପତ୍ରିକାରେ ସ୍କୁଲ ବହି ଓ ସ୍କୁଲ ପାଠ୍ୟକ୍ରମ ଉପରେ ଗାନ୍ଧୀଜୀ ଏକ ଦୀର୍ଘ ପ୍ରବନ୍ଧ ଲେଖିଥିଲେ । ସେଥିରେ ସେ ଲେଖିଛନ୍ତି, "ମୁଁ ଆମ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ପିଲାଏ ପଢୁଥିବା ବହି ଦେଖିଛି । ୧୮୩୦ ଦଶକରେ ଭାରତ ଶିକ୍ଷା ନୀତିରେ ମାକ୍‌ଲେ ଆରମ୍ଭ କରିଥିବା ଶିକ୍ଷା ଦର୍ଶନରୁ ଆମେ ମୁକ୍ତ ହୋଇ ପାରିନାହୁଁ । ଆମ ସ୍କୁଲ ବହିର ଅଧିକାଂଶ ଅଧ୍ୟାୟ କ୍ଷତିକାରକ ନ ହେଲେ ବି ଅଦରକାରୀ । ଅନେକ ପାଠ ଅନୁକରଣ କରି ଲେଖାଯାଇଛି । ଛୋଟ ପିଲାଙ୍କ ପାଇଁ ହଜମ କଲାପରି ଏ ପାଠ ନୁହେଁ । ଅବଶ୍ୟ ଲେଖକମାନେ ଖୁବ୍ ଚତୁରତାର ସହ ବିଷୟ ଚୟନ କରି ଏବଂ ନିଜର ସାମାଜିକ ସ୍ଥିତି ଓ ବୌଦ୍ଧିକତାକୁ ଆଧାର କରି ବହି ଲେଖିଛନ୍ତି । ସମାଜର ସବୁ ଶ୍ରେଣୀର ପିଲାଙ୍କୁ ଖାପ ଖାଇବା ପରି ସୂଚନା ଏଥିରେ ନାହିଁ । ସରକାରୀ ପ୍ରାଥମିକ ସ୍କୁଲରେ ଗାଁ ଗହଳିର ପିଲା ବେଶି ପଢ଼ନ୍ତି । ସେମାନଙ୍କର ପାରିବାରିକ ତଥା ଶୈକ୍ଷିକ ପରିବେଶ ଏବଂ ବୌଦ୍ଧିକ ସ୍ତର (ଆଇକ୍ୟୁ) ପ୍ରତି ଲେଖକମାନେ ନଜର ରଖୁ ନାହାନ୍ତି । ଅନେକ ଅତ୍ୟଧିକ ବୌଦ୍ଧିକତାପୂର୍ଣ୍ଣ ପାଠ୍ୟକ୍ରମ ପିଲାଙ୍କ ମୌଳିକତାକୁ ନଷ୍ଟ କରିଦେଉଛି । ପିଲାଏ ଦ୍ୱନ୍ଦ୍ୱରେ ରହୁଛନ୍ତି । ପାଠ ବହିଗୁଡ଼ିକ ଓଜନିଆ ଲାଗୁଛି । କିଛି ପାଠ ଅବୈଜ୍ଞାନିକ ଲାଗୁଛି ।'' ଆହୁରି ପଢ଼ନ୍ତୁ-ଝଙ୍କଭବ ଇରତ୍ସ୍ୱଷବ ୨୦୨୬: ମନଲୋଭା ସୁନାବେଶ; ଭକ୍ତଙ୍କୁ ଦର୍ଶନ ଦେବେ ସୁବର୍ଣ୍ଣ ଅଳଙ୍କାରରେ ଆଭୂଷିତ ମହାପ୍ରଭୁ; ପହଚଂିଲା ଅଳଙ୍କାର ପ୍ରଥମରୁ ଉଚ୍ଚପ୍ରାଥମିକ ପର୍ଯ୍ୟନ୍ତ ପିଲାମାନେ କ'ଣ ପଢ଼ିବେ, ଗାନ୍ଧୀଜୀ ତା'ର ଏକ ବିସ୍ତୃତ ଆଲୋଚନା ଦେଇଥିଲେ ତାଙ୍କ ପ୍ରବନ୍ଧରେ । ଗାନ୍ଧୀଙ୍କ ପରାମର୍ଶ ଥିଲା, ପ୍ରଥମ ଶ୍ରେଣୀ ପିଲାଙ୍କ ପାଇଁ ଏକାଧିକ ବହିର ଆବଶ୍ୟକତା ନାହିଁ । କିଛି ବହି ନ ହେଲେ ବି ଭଲ । ପିଲାଙ୍କୁ ଅକ୍ଷର ଲେଖା ସହ ବିଭିନ୍ନ ରଙ୍ଗ ସମ୍ପର୍କରେ ଶିକ୍ଷା ଦିଆଯିବ ଉଚିତ । ରଙ୍ଗ ଶିକ୍ଷା ପିଲାଙ୍କର ନିରୀକ୍ଷଣ କ୍ଷମତା ଓ ସ୍ମୃତି ଶକ୍ତି ବଢ଼ାଇଥାଏ । ଗପ, କବିତା, ସଂଗୀତ ମାଧ୍ୟମରେ ପିଲାମାନେ ଶିଖିବା ଦରକାର । ଉଚ୍ଚ ଶ୍ରେଣୀର ପିଲାଙ୍କ ପାଠ୍ୟକ୍ରମ ପାଇଁ ଗାନ୍ଧୀଜୀଙ୍କ ପରାମର୍ଶ ଥିଲା, ପିଲାମାନେ ଇତିହାସ ଭୂଗୋଳ, ଗଣିତ, ଜ୍ୟାମିତି ଅର୍ଥନୀତି ପଢ଼ିବେ । ସଂଗୀତ ଶିଖିବେ । ଜାତୀୟ, ଆଂଚଳିକ ସାହିତ୍ୟ ଓ ସଂସ୍କୃତି ବିଷୟରେ ଜାଣିବେ । ଆକାଶ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ପ୍ରାଣୀ ତଥା ରସାୟନ ବିଜ୍ଞାନ ଶିକ୍ଷା ନେଇ ଅବଗତ ହେବେ । କିଛି ଧନ୍ଦାମୂଳକ ବାସ୍ତବିକ ଶିକ୍ଷା ପାଇବେ । କୃଷି କଥା ଜାଣିବେ । କିନ୍ତୁ ଉତମ ଚରିତ୍ର ଗଠନ ଯେ ଶିକ୍ଷାର ମୂଳ ଲକ୍ଷ୍ୟ, ପାଠଲେଖା ପ୍ରସ୍ତୁତ କଲାବେଳେ ଲେଖକମାନେ ଯେପରି ଭୁଲି ନ ଯିବେ । ପିଲାଙ୍କୁ ଧର୍ମ ଓ ରାଜନୀତି ସମ୍ପର୍କରେ ପଢ଼ାଯିବ କି ନା, ଏପରି ଏକ ପ୍ରଶ୍ନର ଉତରରେ ଗାନ୍ଧୀଙ୍କ ଉକ୍ତି ଥିଲା, ପିଲାଏ କୌଣସି ନିର୍ଦ୍ଦିଷ୍ଟ ବ୍ୟାବହାରିକ ଧର୍ମ ସମ୍ପର୍କରେ ପଢ଼ିବେ ନାହିଁ । ସେମାନଙ୍କୁ ବିଶ୍ୱଧର୍ମ ବିଷୟରେ ପଢ଼ାଯିବ । ଧର୍ମରେ ଥିବା ଅନ୍ଧବିଶ୍ୱାସ, କର୍ମକାଣ୍ଡର ରୀତିନୀତି ଯେପରି ବହିରେ ନ ଥିବ । କିନ୍ତୁ ରାମାୟଣ, ମହାଭାରତ ବିଷୟ ପାଠ୍ୟକ୍ରମରେ ରଖିବା ଦରକାର । ଏ ଦୁଇଟି ଗ୍ରନ୍ଥ ଯୁଦ୍ଧର ଗ୍ରନ୍ଥ ନୁହେଁ, ନୀତି, ନୈତିକତା ସତ୍ୟ ପାଳନର ଗ୍ରନ୍ଥ । ଧର୍ମନିରପେକ୍ଷତା ସହ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ନେଇ ଏକ ପାଠ୍ୟକ୍ରମ ଏକ ପ୍ରଗତିଶୀଳ ସମାଜ ଗଠନ ପାଇଁ ସହାୟକ ହେବ ବୋଲି ଗାନ୍ଧୀଙ୍କ ସ୍ୱଷ୍ଟୋକ୍ତି ଥିଲା । ସ୍କୁଲ ପିଲାମାନେ ରାଜନୀତି ବିଷରେ ପାଠ ବହିରେ କିଛି ପଢ଼ିବେ କି ? ଏ ପ୍ରଶ୍ନ ନେଇ ଗାନ୍ଧୀଙ୍କ ଉତ୍ତର ଥିଲା, ପିଲାଏ ରାଜନୀତି ପଢ଼ିବା ଦରକାର ନାହିଁ । ସେମାନେ କିନ୍ତୁ ଆଇନ ଓ ସମାଜ ବିଜ୍ଞାନ ବିଷରେ କିଛି ଜାଣିବା ଦରକାର । ବ୍ୟକ୍ତିଗତ ପରିଚ୍ଛନ୍ନତା ଓ ପରିବେଶ ସମ୍ପର୍କରେ ପଢ଼ିବା ଉଚିତ । ଆହୁରି ପଢ଼ନ୍ତୁ- ଜବସ୍ଥଷ ଶବସ୍ଥକ୍ସବ ୨୦୨୬: ରଥଯାତ୍ରାରେ ପୁରୀକୁ ନିୟମିତ ଚାଲୁଛି ୧୧୬ଟି ଟ୍ରେନ୍ ପ୍ରାଥମିକ ବିଦ୍ୟାଳୟର ପିଲାମାନେ କେତୋଟି ଭାଷା ଶିଖିବା ଉଚିତ ? ଏମିତି ଏକ ପ୍ରଶ୍ନର ଉତ୍ତର ଦେଇ ଗାନ୍ଧୀ ଲେଖିଥିଲେ, ଆଂଚଳିକ ଭାଷା ଓ ଇଂରେଜୀ ସହ ଅଧିକ ଅନ୍ୟ ଗୋଟିଏ ଭାଷା ଶିଖିବା ଉଚିତ । ପାଚଂଟି ଭାଷା ଶିକ୍ଷା ଦେଇ ପାରିଲେ ଭଲ । ଆଂଚଳିକ ଭାଷାରେ କିନ୍ତୁ ଶିକ୍ଷାଦାନ ବାଧ୍ୟତାମୂଳକ ହେବା ଉଚିତ । ସ୍କୁଲ ବହି ଲେଖିବେ କିଏ ? ଗାନ୍ଧୀ ତାଙ୍କ ପ୍ରବନ୍ଧରେ ଏ ପ୍ରଶ୍ନର ବି ସମାଧାନ କରିଥିଲେ । ସେ ଲେଖିଥିଲେ, "ସ୍କୁଲ ପିଲାଙ୍କ ପାଇଁ ବହି ଲେଖିବା ଏକ ଗୁରୁତ୍ୱପୂର୍ଣ୍ଣ କାମ । ଅବହେଳା ରହିଲେ ଏହା ବିପଦ ହୋଇଯାଏ । ଏଥିପାଇଁ ପ୍ରଶିକ୍ଷିତ, ଅଭିଜ୍ଞ ଓ ଅନୁଭୂତିସମ୍ପନ୍ନ ସ୍କୁଲ ଶିକ୍ଷକ ଦରକାର ଯେଉଁମାନଙ୍କର ନିଷ୍ଠା ଓ ସାଧୁତା ନେଇ ପ୍ରଶ୍ନବାଚୀ ନ ଥିବ । ଅଭିଜ୍ଞ ଶିକ୍ଷକ ହିଁ ଅନେକଗୁଡ଼ିଏ ତଥ୍ୟକୁ ଏକାଠି କରି ସରଳ ଭାବେ ସଜାଡ଼ି ଲେଖିବାର କଳା ଜାଣିଥାଆନ୍ତି ।'' ପ୍ରବନ୍ଧରେ ଉପସଂହାର ଥିଲା, ଘରୋଇ ସ୍କୁଲ ଓ ସରକାରୀ ସ୍କୁଲର ପାଠ୍ୟକ୍ରମ ଏକ ହେବା ଦରକାର କାରଣ ପାଠପଢ଼ାରେ ଅସମାନତା ରହିଲେ, ଧନୀ ଗରିବର ଆଧାର ରହିଲେ, ଏକ ଅସମାନ ସମାଜଟିଏ ତିଆରି ହୋଇଯାଇଥାଏ ।

# ମୁକ୍ତ ପ୍ରଜାପତି

ଗଲା ଶନିବାର ସଂଧ୍ୟା ପରେ ଭବିଷ୍ୟତ ଯୋଜନାର କେ ?ଣସି ରୂପରେଖ, କ୍ଷମତା ରାଜନୀତି ପ୍ରତି କୌଣସି ଆସକ୍ତିର ଚିହ୍ନ ବା କୌଣସି ପ୍ରତିଶ୍ରୁତି ନ ରଖି ଆନ୍ଦୋଳନକାରୀ ଓ ଆନ୍ଦୋଳନର ପରିଚାଳକମାନେ ଭାରତର ବିଭିନ୍ନ ପ୍ରାନ୍ତରେ ସେମାନଙ୍କ ପରିଚୟହୀନ ଅସ୍ତିତ୍ୱ ମଧ୍ୟକୁ ଫେରି ଯାଇଛନ୍ତି ! କେହି କେହି ମତ ଦିଅନ୍ତି ଯେ ଏକ ଦୃଢ଼ ରାଜନୈତିକ ବିରୋଧୀ ଭାବେ ସିଜେପିର ଆବିର୍ଭାବ ଆମ ଗଣତନ୍ତ୍ର ଲାଗି ଶୁଭଙ୍କର ହୁଅନ୍ତା । କିନ୍ତୁ ରାଜନୀତିର ପଙ୍କରେ କର୍ଦ୍ଦମାକ୍ତ ହେବାର ଅନିବାର୍ଯ୍ୟତା ଦୃଷ୍ଟିରୁ ସିଜେପିର ପ୍ରତିଷ୍ଠାତାମାନେ ତାହା ଚାହିଁବେ କି ? ତାହା ଏକ ବିତର୍କିତ ପ୍ରଶ୍ନ, ଯାହାର ଉତ୍ତର ଭବିଷ୍ୟତ ଦେବ । ଗଲା ୨୫ ତାରିଖ ଅପରାହ୍ଣରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଯେଉଁ ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଲା, ତାକୁ ବର୍ଣ୍ଣିବାକୁ ଯାଇ ଯନ୍ତରମନ୍ତରରେ ଉପସ୍ଥିତ ଜଣେ ତରୁଣ କୌଣସି ଏକ ସାମାଜିକ ଗଣମାଧ୍ୟମ ଚ୍ୟାନେଲରେ ଉଚ୍ଛ୍ୱସିତ କଣ୍ଠାରେ କହିପକାଇଲେ, "ମନେ ହେଉଛି, କ୍ରିକେଟ୍ ବିଶ୍ୱକପ ଫାଇନାଲରେ ଅନ୍ତିମ ବଲରେ ଚଉକାଟିଏ ମାରି ସତେ ଯେମିତି ଭାରତ ଜିତିଯାଇଛି !'' ଏହି ମନ୍ତବ୍ୟଟିରେ ସେ ତାଙ୍କ ଉଲ୍ଲାସର ସ୍ତର ବିଷୟରେ ଇଙ୍ଗିତ କରିଥିଲେ ସତ, କିନ୍ତୁ ତାଙ୍କ ବାକ୍ୟଟି ଏଥି ଲାଗି ମର୍ମସ୍ପର୍ଶୀ ଥିଲା ଯେ 'ଜେନ-ଜି'ର ଏହି ଆନ୍ଦୋଳନ ସମଗ୍ର ପୃଥିବୀକୁ ଦେଖାଇ ଦେଲା ଯେ କେ ?ଣସି ଦୁରଭିସନ୍ଧି ବା ସଂଗୁପ୍ତ ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ନ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଦୀର୍ଘ ଆନ୍ଦୋଳନ ଜାରି ରଖି କିଭଳି ଦାବି ହାସଲ କରାଯାଇପାରେ; ଦାବି ପୂରଣ ହେବା ମାତ୍ରକେ କିଭଳି ଶୃଙ୍ଖଳିତ ଭାବେ ସେଠାରୁ ଅପସରି ଯାଇ ହୁଏ । ଏହି ଦୃଷ୍ଟିରୁ ସେହି ମୁହୂର୍ତଟି ଥିଲା ଗଣତାନ୍ତ୍ରିକ ଭାରତ ସକାଶେ ଏକ କାଳ ବିଭାଜିକା ସୃଷ୍ଟି ହେବାର ବେଳ, ଯେଉଁ ପ୍ରେକ୍ଷାପଟରେ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ପ୍ରଦାନ ବା ସରକାର ନତମସ୍ତକ ହୋଇଯିବା ଭଳି ପ୍ରସଙ୍ଗ ମଧ୍ୟ ଗୌଣ ମନେ ହୋଇଥାଏ; ଯାହା ମୁଖ୍ୟ ହୋଇଯାଏ, ତାହା ହେଲା ଆନ୍ଦୋଳନର ଧାରା କିଭଳି ହେବା ଆବଶ୍ୟକ, ତା'ର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ପୃଥିବୀ ସମ୍ମୁଖରେ ସ୍ଥାପିତ ହୋଇଯିବା । ଗଲା ମେ ୧୬ ତାରିଖରେ ଏକ କଟାକ୍ଷ ଓ କୌତୁକରୁ ସାମାଜିକ ଗଣମାଧ୍ୟମ ମଚଂରେ 'କକ୍ରୋଚ ଜନତା ପାର୍ଟି' ବା 'ସିଜେପି'ର ମୂଳଦୁଆ ସ୍ଥାପନ, ଏହାର ଅନୁଗାମୀଙ୍କ ସଂଖ୍ୟାରେ ବିସ୍ଫୋରକ ବୃଦ୍ଧି, ଏହି ବିପୁଳ ସମର୍ଥନର ସଦୁପଯୋଗ କରି ସାମାଜିକ ଦାୟିତ୍ୱ ସଂପାଦନ ଦିଗରେ ଏହାର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କଠାରେ ସ୍ପଷ୍ଟ ଆଗ୍ରହ, ଠିକ୍ ସେହି ସମୟରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଭଳି ଅଘଟଣ ଓ ତଦ୍ଦ୍ୱାରା ହତାଶ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟାର ଧାରା ଏବଂ ପରିଶେଷରେ କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆନ୍ଦୋଳନର ସୃଷ୍ଟି ଇତ୍ୟାଦି ଭଳି ଘଟଣାକ୍ରମ ସୁନିଶ୍ଚିତ ଭାବେ ଲୋକକଥା ସୁଲଭ ବିଷୟବସ୍ତୁ ହୋଇ ରହିଯିବ । ତେବେ, ସାମାଜିକ ଗଣମାଧ୍ୟମ ବା 'ପ୍ରତୀୟମାନ ବାସ୍ତବତା' (ଭର୍ଚୁଆଲ ରିଏଲିଟି)ର ସଂସାରରେ ସିଜେପି ଠୁଳ କରିଥିବା ସମର୍ଥନ ଯେ ବାସ୍ତବ ଦୁନିଆରେ ପ୍ରଭାବଶାଳୀ ହୋଇପାରିବ, ସେ ନେଇ ମଧ୍ୟ ପ୍ରଥମରୁ ସନ୍ଦେହ ପ୍ରକଟିତ ହୋଇଆସୁଥିଲା । ଏହି ଧାରଣାକୁ ଭ୍ରାନ୍ତ ବୋଲି ସାବ୍ୟସ୍ତ କରିଛି ଏହି ଆନ୍ଦୋଳନ । ଯେଉଁ ବୈଦ୍ୟୁତିକ ବେଗରେ ଏହା କଳ୍ପିତ ଓ ଆରମ୍ଭ ହୋଇଥିଲା, ସେହିଭଳି ତତ୍‌କ୍ଷଣାତ୍ ସମାପ୍ତ ହୋଇଯାଇଛି ସତ, ଅଥଚ, ରାଷ୍ଟ୍ରର ମାନସପଟଳରେ ଆଭା ଛାଡ଼ି ଦେଇଯାଇଛି । ଅନେକ ମତ ଦେଇଥାଆନ୍ତି ଯେ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦ୍ୱାରା କେବଳ ମନବୋଧ ହେଉଥାଇପାରେ; କିନ୍ତୁ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ନ ଆସିବା ପର୍ଯ୍ୟନ୍ତ ବାସ୍ତବ ସମସ୍ୟାର ସମାଧାନ ହୋଇପାରିବ ନାହିଁ । କିନ୍ତୁ କଥା ହେଲା, ପ୍ରଶ୍ନପତ୍ର ଲିକ୍ ଭଳି ଅତ୍ୟନ୍ତ ଗୁରୁତର ବିଭ୍ରାଟମାନ ନିୟମିତ ବ୍ୟବଧାନରେ ଘଟି ଚାଲିଥିଲେ ହେଁ ସବୁ କ୍ଷେତ୍ରରେ, ଏ ଯାବତ୍, କେବଳ କିଛି ଅଧିକାରୀଙ୍କ ବଦଳି ଓ ନିଲମ୍ବନ ବା ଆଇନ ବା ନିୟମରେ କିଛି ପରିବର୍ତ୍ତନ ଇତ୍ୟାଦି ଭଳି ଘଷରା ପଦକ୍ଷେପଗୁଡ଼ିକ ଜରିଆରେ ତହିଁରେ ବିରାମ ଲଗାଇବାର ଚେଷ୍ଟା କରାଯାଇଛି । ତହିଁରୁ କିଛି ସୁଫଳ ମିଳିଛି କି ? ସମ୍ଭବତଃ ଏହି କାରଣରୁ ଆନ୍ଦୋଳନକାରୀମାନେ ଉତରଦାୟିତ୍ୱ ସ୍ୱୀକାର କରିବାର ଦାୟ ସର୍ବୋଚ୍ଚ ପଦାସୀନଙ୍କଠାରେ ଦେଖିଛନ୍ତି । ତେଣୁ, ଏହା ମଧ୍ୟ ସାଂକେତିକ ଏବଂ ଏଭଳି ସ୍ଥିତିରେ ଆହତ ସରକାର, 'ଲଲିପପ ରାଜନୀତି'ରୁ କ୍ଷାନ୍ତ ରହି (ଶିକ୍ଷା ବିଭାଗରେ) ମୌଳିକ ସଂସ୍କାର ଆଣିବା ଦିଗରେ ପ୍ରବୃତ ହେବାର ସମ୍ଭାବନା ଅଧିକ । ଏହି ଆନ୍ଦୋଳନର ଆଉ ଏକ ବଡ଼ ଉପଲବ୍ଧି ହେଲା ଯେ ଏହାର ଉତ୍ପତି, ଲକ୍ଷ୍ୟ, ଅଭିସନ୍ଧି ଇତ୍ୟାଦି ନେଇ ସୃଷ୍ଟ ସନ୍ଦେହ ଓ ସୁନିୟୋଜିତ 'ଅପ-ବ୍ୟାଖ୍ୟାନ'କୁ ଭ୍ରାନ୍ତ ବୋଲି ସାବ୍ୟସ୍ତ କରିବାରେ ସଫଳତା । କହିବା ବାହୁଲ୍ୟ ଯେ କେତେକ ମହଲରେ ଭୟ ବିଜଡ଼ିତ ଉଦ୍‌ବେଗ ପ୍ରକାଶିତ ହେବାରେ ଲାଗିଥିଲା ଯେ ଆନ୍ଦୋଳନଟି ଶତ୍ରୁରାଷ୍ଟ୍ରଙ୍କ ଏଜେଂଟମାନଙ୍କ ଦ୍ୱାରା ପରିଚାଳିତ; ବାଂଲାଦେଶ ଓ ନେପାଳରେ ଘଟିଥିବା ଭଳି ଏହା ସତା-ପରିବର୍ତ୍ତନକାମୀ ଚକ୍ରାନ୍ତର ଏକ ଅଂଶ ଇତ୍ୟାଦି । କିନ୍ତୁ, ଗଲା ୨୦ ତାରିଖରେ 'ସଂସଦ ଚଲୋ' ଅଭିଯାନ ସମୟରେ ପୁଲିସ ଦ୍ୱାରା ପ୍ରଦର୍ଶିତ ଅକଥନୀୟ ନିର୍ମମତା ସତ୍ତ୍ୱେ ହଜାର ହଜାର ତରୁଣଙ୍କ ସମଷ୍ଟିରେ ସୃଷ୍ଟ ଜନ ସମୁଦ୍ରରେ ହିଂସାର ତରଙ୍ଗଟିଏ ନ ଉଠିବା ଭଳି ସ୍ଥିତିରେ ଅସଂଖ୍ୟ ଆଶ୍ୱସ୍ତ ହୋଇଥିଲେ ଯେ ବାଂଲାଦେଶ ବା ନେପାଳ ଭଳି ହିଂସ୍ର ନୈରାଜ୍ୟ ସୃଷ୍ଟିର କୌଣସି ଅଭିପ୍ରାୟ ଏଥିରେ ନାହିଁ । ଉଲ୍ଲେଖଯୋଗ୍ୟ ଯେ ଏହା ପରଠାରୁ ହିଁ ଭାରତର ବିଭିନ୍ନ ପ୍ରାନ୍ତରୁ ବୟସ ନିର୍ବିଶେଷରେ ଅଧିକରୁ ଅଧିକ ନାଗରିକ ଆନ୍ଦୋଳନରେ ସାମିଲ ହେବାରେ ଲାଗିଥିଲେ । ତେବେ, ଏହି ସଂଦର୍ଭରେ ସର୍ବାଧିକ ଲଜ୍ଜାବନତ ଓ ଉପହସିତ ହୋଇଛନ୍ତି ବିଭ୍ରାନ୍ତିମୂଳକ ଅପପ୍ରଚାରର ପୁରୋଧା 'କୋଳାଶ୍ରିତ ଗଣମାଧ୍ୟମ'ର ଉଚ୍ଚାଟ ସୃଷ୍ଟିକାରୀ 'ଆଙ୍କୋର' ଓ ସାମ୍ବାଦିକମାନେ; କେବଳ ରାଷ୍ଟ୍ର ସମକ୍ଷରେ ଯେ ସେମାନେ ପତିତ ହୋଇଛନ୍ତି, ତାହା ନୁହେଁ; ନିଜ ପରିବାରର କିଶୋର ଓ ତରୁଣ ସଦସ୍ୟମାନଙ୍କ ଦୃଷ୍ଟିରେ ମଧ୍ୟ ସେମାନେ ସ୍ଖଳିତ ହୋଇ ଯାଇଥିବା ଖୁବ୍ ସମ୍ଭବ ! ଗଲା ଶନିବାର ସଂଧ୍ୟା ପରେ ଭବିଷ୍ୟତ ଯୋଜନାର କୌଣସି ରୂପରେଖ, କ୍ଷମତା ରାଜନୀତି ପ୍ରତି କୌଣସି ଆସକ୍ତିର ଚିହ୍ନ ବା କୌଣସି ପ୍ରତିଶ୍ରୁତି ନ ରଖି ଆନ୍ଦୋଳନକାରୀ ଓ ଆନ୍ଦୋଳନର ପରିଚାଳକମାନେ ଭାରତର ବିଭିନ୍ନ ପ୍ରାନ୍ତରେ ସେମାନଙ୍କ ପରିଚୟହୀନ ଅସ୍ତିତ୍ୱ ମଧ୍ୟକୁ ଫେରି ଯାଇଛନ୍ତି ! କେହି କେହି ମତ ଦିଅନ୍ତି ଯେ ଏକ ଦୃଢ଼ ରାଜନୈତିକ ବିରୋଧୀ ଭାବେ ସିଜେପିର ଆବିର୍ଭାବ ଆମ ଗଣତନ୍ତ୍ର ଲାଗି ଶୁଭଙ୍କର ହୁଅନ୍ତା । କିନ୍ତୁ ରାଜନୀତିର ପଙ୍କରେ କର୍ଦ୍ଦମାକ୍ତ ହେବାର ଅନିବାର୍ଯ୍ୟତା ଦୃଷ୍ଟିରୁ ସିଜେପିର ପ୍ରତିଷ୍ଠାତାମାନେ ତାହା ଚାହିଁବେ କି ? ତାହା ଏକ ବିତର୍କିତ ପ୍ରଶ୍ନ, ଯାହାର ଉତ୍ତର ଭବିଷ୍ୟତ ଦେବ । ବିରୋଧୀ ରାଜନୈତିକ ଦଳଗୁଡ଼ିକ ଏହି ଆନ୍ଦୋଳନ ସହିତ ସଂପୃକ୍ତ ହୋଇଥିଲେ (ବିଳମ୍ବରେ ଅବଶ୍ୟ) ହେଁ ଶ୍ରେୟର ଚମକ ଅପହରଣ କରିନେବାରେ ସେମାନେ ସମର୍ଥ ହୋଇନାହାନ୍ତି । ଆନ୍ଦୋଳନର ସମାପ୍ତି ପରେ ଅପସୃୟମାନ ଭିଡ଼ରେ ଯେଉଁ ହୃଦୟଗ୍ରାହୀ ଦୃଶ୍ୟମାନ ଦେଖିବାକୁ ମିଳିଥିଲା, ତହିଁରେ ଥିଲା ତ୍ରିରଙ୍ଗାର ତରଙ୍ଗ, ସଂବିଧାନ ପୁସ୍ତିକା ଓ ବାବା ସାହେବ ଆମ୍ବେଦକରଙ୍କ ଫଟୋର ପ୍ରଦର୍ଶନ, ବନ୍ଦେ ମାତରମ୍‌ର ସଂଗୀତ ଏବଂ କେତେକ ଆନ୍ଦୋଳନକାରୀ ତରୁଣତରୁଣୀଙ୍କ ଦ୍ୱାରା ସେଠାରେ ଜମା ଆବର୍ଜନା କୁଢ଼ର ସ୍ୱତଃସ୍ଫୂର୍ତ୍ତ ସଫେଇ । ବରିଷ୍ଠ ସାମ୍ବାଦିକା ବରଖା ଦତଙ୍କୁ ସେମାନେ କହିଥିଲେ, 'ଆମେ ଏହାକୁ ଯେମିତି ପାଇଥିଲୁ, ସେମିତି ଫେରାଇ ଦେଇ ଯାଉଛୁ ।' ଏହା ମଧ୍ୟ ଏହି ଆନ୍ଦୋଳନର ଏକ ବିଶେଷ ଚାରିତ୍ରିକ ବିଭାବ । ଗଲା ମେ ୨୩ ତାରିଖରେ 'ସିଜେପି'ର ପ୍ରାରମ୍ଭ କାଳରେ ଏହି ସ୍ତମ୍ଭରେ 'ଅସରପା ଉଦୟ' ଶୀର୍ଷକ ଆଲୋଚନାର ଉପସଂହାରରେ କୁହାଯାଇଥିଲା, 'ଏ ଯାବତ୍, ଆମେମାନେ, ବଚଂି ରହିବା ସକାଶେ, ବିକଳରେ ପଳାୟନ-ପ୍ରବୃତ, ଲୁଚି ଯିବାରେ ଅଭ୍ୟସ୍ତ ଅସରପାମାନଙ୍କୁ େ?ଦେଖିଛେ; ତେଣୁ କୋଟିକୋଟି 'କକ୍ରୋଚ'ଙ୍କ ସମ୍ମିଳିତ ବିଦ୍ରୋହର ଘନଘଟା ନେଇ ଅନୁମାନ ବୋଧହୁଏ କରିପାରୁ ନାହେଁ !' ଏବେ, ଦୁଇ ମାସ ପରେ, ତା'ର ଝଲକଟିଏ ଅନ୍ତତଃ ଦେଖିବାକୁ ମିଳିଛି । ଏହା ମଧ୍ୟ କୁହାଯାଇପାରେ କି ଯେ ଯନ୍ତରମନ୍ତରରେ ଆନ୍ଦୋଳନର ମାସାଧିକ କାଳ ପ୍ରକୃତରେ ଥିଲା, କଟାକ୍ଷ, ସନ୍ଦେହ, ଆରୋପ ଓ ଅବହେଳା ଆଦିର ଟାଆଁସା କୋଷା ଭିତରେ ବନ୍ଦୀ ଅସରପା (ସଁବାଳୁଆ) ଭଳି କୌଣସି ଘୃଣ୍ୟ କୀଟର ରୂପାନ୍ତରିତ ହେବାର ସମୟ ? ଏବଂ ଅବଶେଷରେ ଦେଖିବାକୁ ମିଳିଲା କି କୋଷାରୁ ମୁକ୍ତ ହୋଇ ପ୍ରଜାପତିଟିଏ ଉଡ଼ାଣ ଭରିଲା !

# ବିଶ୍ୱ ବିକଳ୍ପ ସନ୍ଧାନରେ ଭାରତ

ପ୍ରତି ମୁହୂର୍ତରେ, ପ୍ରତିଦିନ, ବିଶ୍ୱର ପରିସ୍ଥିତି ବଦଳିବାରେ ଲାଗିଛି । କିଏ, କେତେବେଳେ,କେଉଁଠି, କାହା ସହ ରହିବ, ସେ ବିଷୟରେ ଆକଳନ କରିବା ସମ୍ଭବପର ହେଉନାହିଁ । ଆଜି ବିଶ୍ୱନୀତି କହିଲେ କିଛି ଦର୍ଶନ, କିଛି ସିଦ୍ଧାନ୍ତ ନାହିଁ । ସବୁ ଦେଶ ନିଜ ସ୍ୱାର୍ଥ ନିଜ ସୁବିଧାକୁ ବିଶ୍ୱନୀତି ମନେକରିବାରେ ଲାଗିଛନ୍ତି । ଶୀତଳ ଯୁଦ୍ଧ ପରବର୍ତ୍ତୀ କାଳ ପୃଥିବୀରେ ଶାନ୍ତିର ସମୟ ହେବ ବୋଲି ଯେପରି ଆଶା କରାଯାଉଥିଲା ତାହାର ଚିତ୍ର ଓ ଚରିତ୍ର ଏବେ ବଦଳିଯାଇଛି । ଶକ୍ତି ସନ୍ତୁଳନ ବିଗିଡିଯିବା ହେତୁ ଆମେରିକା, ୟୁରୋପ ଏବଂ ନାଟୋ ସଦସ୍ୟ ଥିବା ରାଷ୍ଟ୍ରଗୁଡ଼ିକର ଆଧିପତ୍ୟ ଅଧିକ ବଢିବାରେ ଲାଗିଲା । ଅବଶ୍ୟ ନାଟୋ ବାହାରେ ଥିବା ଚୀନ, ଭାରତ, ଇରାନ, ଇସ୍ରାଏଲ, ଉତର କୋରିଆ ପରି ରାଷ୍ଟ୍ରଗୁଡିକ ନିଜସ୍ୱ ଶକ୍ତି, କୂଟନୀତି ଓ ପରିଶ୍ରମ ବଳରେ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ନେଇଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳରେ ପ୍ରାୟ ୮୦ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ, ଶକ୍ତି ପ୍ରଦର୍ଶନରୁ ଦୂରରେ ରହି ନିଜର ଆର୍ଥିକ ଶକ୍ତିକୁ ବୃଦ୍ଧି କରିବାକୁ ମନୋନିବେଶ କରିଥିବା ଜାପାନ ଏବେ ପରିବର୍ତ୍ତିତ ବିଶ୍ୱସ୍ଥିତିକୁ ଦେଖି ନିଜର ପୁରୁଣା ଶକ୍ତି କେନ୍ଦ୍ରକୁ ଫେରିବାକୁ ପ୍ରୟାସ ଆରମ୍ଭ କରିଦେଇଛି । ଗୋଟିଏ ପଟେ ଆମେରିକାର ଏକାଧିପତ୍ୟକୁ ପ୍ରାଧାନ୍ୟ, ଅନ୍ୟପଟେ ରୁଷିଆ ନିଜର ପୁରୁଣା ସମ୍ମାନ ପାଇଁ ସଂଘର୍ଷରତ ଥିଲାବେଳେ ଚୀନ ଉଭୟ ଆମେରିକା ଓ ରୁଷିଆର ସହଯୋଗୀ ଭାବେ ଏବଂ ଦ୍ୱିତୀୟ ଆର୍ଥିକ ମହାଶକ୍ତି ହୋଇ ଛିଡା ହେବାକୁ ସକ୍ଷମ ହୋଇଛି । ଫଳତଃ ଆଗାମୀ ଦିନରେ ଆମେରିକାକୁ ଅତିକ୍ରମ କରି ଅନେକ କ୍ଷେତ୍ରରେ ଚୀନ ପ୍ରାଧାନ୍ୟ ବିସ୍ତାର କରିବ ଯାହା ଏବେଠୁ ସ୍ପଷ୍ଟ ହେଲାଣି । ଏସବୁ ଶକ୍ତିର ଅସନ୍ତୁଳନ ମଧ୍ୟରେ ଭାରତ ନିଜର ଶକ୍ତି, ସାମର୍ଥ୍ୟ, ସୁରକ୍ଷା, ଅର୍ଥନୀତିଆଦିସବୁକ୍ଷେତ୍ରରେ ଆତ୍ମନିର୍ଭର ହେବାପାଇଁ ପ୍ରୟାସ କରୁଛି । ଗୋଟିଏ ପଟେ ଟ୍ରମ୍ପ ପ୍ରଶାସନର ଅହଙ୍କାରବାଦୀ ନୀତି ଏବଂ ଆରପଟେ ବନ୍ଧୁରାଷ୍ଟ୍ର ରୁଷିଆର ସଂଘର୍ଷ ମଧ୍ୟରେ ଭାରତ ନିଜକୁ ଦୁଇ ମହାଶକ୍ତିଙ୍କ ମଝିରେ ସଂପର୍କକୁ ସନ୍ତୁଳିତ ସ୍ଥିତିରେ ରଖିବାକୁ ଚେଷ୍ଟା କରୁଛି । ସେଥିପାଇଁ ସାରା ପୃଥିବୀରେ ନୂଆ ନୂଆ ବିକଳ୍ପର ସନ୍ଧାନରେ ରହିଛି । ଶକ୍ତି, ମୂଲ୍ୟବାନ ଖଣିଜ ବସ୍ତୁ, ପ୍ରତିରକ୍ଷା ସାମଗ୍ରୀ, ମହାକାଶ ଗବେଷଣା, ଢାଂଚାଗତ ନିର୍ମାଣ ଆଦି ବହୁବିଧ କ୍ଷେତ୍ରରେ ଆପଣାର ନିଜସ୍ୱ ଶକ୍ତି ବୃଦ୍ଧି କରିବାରେ ଲାଗିଛି । ସେଥିପାଇଁ ଛୋଟ ବଡ ବହୁ ରାଷ୍ଟ୍ରଙ୍କ ସହ ସଂପର୍କ ସ୍ଥାପନ କରି ନିଜସ୍ୱ କୂଟନୀତି, ବାଣିଜ୍ୟ, ଶିକ୍ଷା, ସୁରକ୍ଷା, ଅର୍ଥନୀତି ପରି ଅନେକ ବିଷୟରେ ଆପଣାର ପ୍ରତିଷ୍ଠା ପଛରେ ଲାଗିରହିଛି । କେନ୍ଦ୍ର ସରକାର ଗୋଟିଏ ପଟେ ଆମେରିକା ପରି ବାହାରକୁ ବନ୍ଧୁ, ଭିତରେ ଶତ୍ରୁ ପରି ଚିନ୍ତା ରଖୁଥିବା ରାଷ୍ଟ୍ରକୁ ସାମ୍ନା କଲାବେଳେ ଅପରପକ୍ଷେ ରୁଷିଆ ପରି ପୁରୁଣା ବନ୍ଧୁରାଷ୍ଟ୍ର ସହ ଛିଡା ହୋଇଛନ୍ତି ଯୁଦ୍ଧ ସମୟରେ । ରୁଷିଆର ଅର୍ଥନୀତିକୁ ସାହାଯ୍ୟ କରିବାକୁ ତୈଳକ୍ରୟ, ଅସ୍ତ୍ରକ୍ରୟ, ଇଞ୍ଜିନିୟରିଂ ଯନ୍ତ୍ରାଂଶ ଯୋଗାଣ, ଦକ୍ଷ ଶ୍ରମଶକ୍ତି ଯୋଗାଣ ପରି କାର୍ଯ୍ୟକୁ ଭାରତ ସରକାର ଜାରି ରଖିଛନ୍ତି । କାରଣ ଆଜି ବିଶ୍ୱ ବହୁପକ୍ଷୀୟ ହୋଇଛି ଗୋଟିଏ ରାଷ୍ଟ୍ର ଅନ୍ୟ ଉପରେ ନିର୍ଭରଶୀଳ ହେବାପରେ ଅଯଥା କଟକଣା, ତାରିଫ ଯୁଦ୍ଧକୁ ସମ୍ମୁଖୀନ ହେବାକୁ ପଡୁଛି । ବର୍ତ୍ତମାନର ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଇରାନ ଓ ଆମେରିକା ହର୍ମୁଜ ପ୍ରଣାଳୀକୁ ଅସ୍ଥିର କରି ରଖିଥିବା ସମୟରେ ଯୋଗାଣଜନିତ ହ୍ରାସ ଯୋଗୁ ବିଶ୍ୱସାରା ଦରବୃଦ୍ଧି ହେବାରେ ଲାଗିଛି । ଏସବୁକୁ ଦୃଷ୍ଟିରେ ରଖି ଭାରତ ୟୁରୋପର ରାଷ୍ଟ୍ରଗୁଡିକ ସହ ମୁକ୍ତବାଣିଜ୍ୟ ବୁଝାମଣା, ଅନେକ ରାଷ୍ଟ୍ର ସହ ରଣନୀତିକ ସଂପର୍କ ସ୍ଥାପନ କରିବାରେ ଲାଗିପଡିଛି । ଯେଉଁ ଦେଶଗୁଡିକୁ ଭାରତର ରାଷ୍ଟ୍ରମୁଖ୍ୟମାନେ ଅତୀତରେ ଗସ୍ତ କରିନଥିଲେ, ସେ ସବୁକୁ ଖୋଜି ମୋଦି ଗସ୍ତ କରିବାରେ ଲାଗିଛନ୍ତି । ଏହାର କାରଣ ହେଲା ସଂଖ୍ୟାଧିକ ବାଣିଜ୍ୟ ସହଯୋଗୀଙ୍କୁ ବିକଳ୍ପ ଭାବେ ଛିଡାକରିବା । ବଡ ବଡ ରାଷ୍ଟ୍ରଗୁଡିକର ଆଭ୍ୟନ୍ତରୀଣ ଅସ୍ଥିରତା କିମ୍ବା ରାଜନୈତିକ କଟକଣା ସରକାରକୁ କେନ୍ଦ୍ରକରି ବଦଳୁଥିବା ଯୋଗୁ କେଉଁ ମୁହୂର୍ତରେ କେଉଁ ଦେଶ କାହା ସହିତ ରହୁଛି ତାହା ଜାଣିବା କଷ୍ଟକର । ତେଣୁ ବ୍ୟବସାୟ-ବାଣିଜ୍ୟ, ଲୋକଙ୍କ ରୋଜଗାର, ଶିଳ୍ପପାଇଁ ଆବଶ୍ୟକ ଖଣିଜ ସଂପଦ ଯୋଗାଣ ଏବଂ ବିଶ୍ୱବଜାରରେ ସେସବୁର ବିକ୍ରିପାଇଁ ସକ୍ରିୟ ବିଦେଶନୀତି ଦରକାର । କୋରୋନା ପରବର୍ତ୍ତୀ ସମୟରେ ଚୀନର ଖଣିଜ ଦ୍ରବ୍ୟ ଯୋଗାଣକୁ କଟକଣାଯୁକ୍ତ କରାଯିବା, ଆମେରିକା ଦ୍ୱାରା ବାଣିଜ୍ୟ ଶୁଳ୍କ ଲଗାଯିବା. ୟୁରୋପର ରାଷ୍ଟ୍ରଗୁଡିକ ରୁଷିଆର ତୈଳ ବିକ୍ରିକୁ ଭିନ୍ନ ଦୃଷ୍ଟିରେ ଦେଖିବା, ନାଟୋ ମେ[ର ରାଷ୍ଟ୍ରଗୁଡିକ ରୁଷିଆର ବାଣିଜ୍ୟକୁ ୟୁକ୍ରେନ ଯୁଦ୍ଧ ସହ ଯୋଡିବା ଯୋଗୁ ବିଶ୍ୱରେ ଆର୍ଥିକ ଅସ୍ଥିରତା ଦେଖାଦେଇଛି । କୋରୋନା ପରେ ଅର୍ଥନୀତିକୁ ସଜାଡିବା ପାଇଁ ପ୍ରୟାସର ଦେଶଗୁଡିକ ଦୀର୍ଘ ସମୟ ଧରି ୟୁକ୍ରେନ-ରୁଷିଆ ଏବଂ ଇରାନ-ଇସ୍ରାଏଲ-ଆମେରିକାର ଯୁଦ୍ଧ, ଇସ୍ରାଏଲ- ପାଲେଷ୍ଟାଇନ-ଲେବାନନ ଯୁଦ୍ଧ, ୟେମେନ-ସାଉଦି ଆରବ ଯୁଦ୍ଧ, ସିରିଆରେ ବହୁରାଷ୍ଟ୍ରର ଯୁଦ୍ଧ ଯୋଗୁ ବିଶେଷ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ତେଣୁ ଅନେକ ବିକାଶଶୀଳ ଏବେ ସ୍ୱାଭିମାନୀ ରାଷ୍ଟ୍ର ନିଜସ୍ୱ ଉତ୍ପାଦନକୁ ବୃଦ୍ଧିକରି ଆମଦାନୀକୁ ହ୍ରାସ କରିବା ଉପରେ ଏବେ ଜୋର ଦେବାକୁ ଲାଗିଲେଣି ଯେମିତିକି ଜାପାନ ଦୀର୍ଘ ଅଶୀ ବର୍ଷ ପରେ ନିଜର ଆତ୍ମରକ୍ଷା ନୀତିକୁ ଜୋରଦେଇ ଆମେରିକା ସହଯୋଗରେ ସୁରକ୍ଷା ବଳୟରୁ ହଟି ନିଜସ୍ୱ ସେନାସଂଖ୍ୟା ବୃଦ୍ଧି ସହ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଉପରେ ଜୋରଦେବାପାଇଁ ବିଦେଶନୀତିରେ ପରିବର୍ତ୍ତନ ଆଣିଛି । ଏହାର ସୁଯୋଗ ନେବାପାଇଁ ଭାରତ ଜାପାନକୁ ନିମନ୍ତ୍ରଣ କରି ନିଜ ଦେଶରେ ଜାପାନୀ ଅସ୍ତ୍ର ନିର୍ମାଣର ସୁଯୋଗ ଦେବାକୁ କହିଛି । ଜାପାନର ଶ୍ରମିକ ସଂଖ୍ୟା ହ୍ରାସ ଯୋଗୁ ସେଠାକାର କମ୍ପାନୀ ଭାରତକୁ ଦ୍ୱିତୀୟ ନିର୍ମାଣ ସ୍ଥଳୀ ଭାବେ ବାଛିବାକୁ ଗ୍ରହୁଁଛନ୍ତି । ଏ ଦିଗରେ ହୋଣ୍ଡା, ସୁଜୁକୀ ଆଦି କମ୍ପାନୀ ସଫଳ ମଧ୍ୟ ହୋଇଛନ୍ତି । ଯେମିତି ଭାରତରେ ବୁଲେଟ ଟ୍ରେନ ନିର୍ମାଣ, ଉଭୟ ଜଳ ଓ ସ୍ଥଳରେ ଅବତରଣ କରିପାରୁଥିବା ଜାପାନୀ ବିମାନର ଭାରତରେ ନିର୍ମାଣ ଉପରେ ଭାରତ ଜୋର ଦେଉଛି, ଯାହା ଭାରତର ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ । ସେହିପରି ଅଷ୍ଟ୍ରେଲିଆର ଖଣିଜ ସଂପଦ, ନିଉଜିଲାଣ୍ଡର କୃଷି ଓ ପଶୁପାଳନ, ସ୍ୱିଜରଲାଣ୍ଡର ଟେକ୍‌ନୋଲୋଜୀ, ୟୁରୋପୀୟ ରାଷ୍ଟ୍ରଗୁଡିକରେ ବିଦେଶୀ ପ୍ରକଳ୍ପରେ ନିବେଶ ପାଇଁ ରହିଥିବା ସ୍ୱାଧୀନ ପାଣ୍ଠି ଉପରେ ଭାରତ ସରକାର ଦୃଷ୍ଟି ରଖି କାର୍ଯ୍ୟ କରୁଛନ୍ତି । ଏହାଛଡା ଭାରତର ଶତ୍ରୁ ରାଷ୍ଟ୍ର ଗୋଷ୍ଠୀ ପାକ୍-ଚୀନ ଏବଂ ତୁର୍କୀ- ଆଜବୈଜାନ ଏବଂ ପାକିସ୍ତାନର ଭାରତ ବିରୋଧୀ ଷଡଯନ୍ତ୍ରକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ସେଠାକାର ଦୁର୍ବଳ ନାଡୀଗୁଡିକୁ ଭାରତ ସରକାର ଚିପିବାରେ ଲାଗିଛନ୍ତି । ତେଣୁ ଚୀନର ନାଲିଆଖି ଯୋଗୁ ଦକ୍ଷିଣ ଚୀନ ସାଗର ନିକଟସ୍ଥ ରାଷ୍ଟ୍ର ଇଣ୍ଡୋନେସିଆ, ଭିଏତନାମ, ଫିଲିପାଇନ୍ସ ସମେତ ଜାପାନ ଏବଂ ତାଇୱାନ ଆଦି ରାଷ୍ଟ୍ର ସହ ବ୍ୟାପାରିକ ସଂପର୍କ ସୁଦୃଢ କରିବାକୁ ଭାରତ ସରକାର ଉଦ୍ୟମ କରୁଛନ୍ତି । ଏହିକ୍ରମରେ ଫିଲିପାଇନ୍ସ, ଭିଏତନାମ ଏବଂ ଇଣ୍ଡୋନେସିଆକୁ ପ୍ରତିରକ୍ଷା ସାମଗ୍ରୀ ଯୋଗାଇ ଶକ୍ତିଶାଳୀ କରାଯାଉଥିବା ସମୟରେ ଆଫଗାନିସ୍ତାନ ପରି ରାଷ୍ଟ୍ରକୁ ଆବଶ୍ୟକ ଖାଦ୍ୟସାମଗ୍ରୀ, ଔଷଧ, କୃଷିବିଜ୍ଞାନ ସହ ଆନ୍ତର୍ଜାତିକ କ୍ଷେତ୍ରରେ କୂଟନୀତିକ ସହାୟତା ପ୍ରଦାନ କରାଯାଉଛି । ଠିକ୍ ସେହିପରି ତୁର୍କୀ-ଆଜରବୈଜାନ-ପାକିସ୍ତାନୀ ମେଟଂ ଯୋଗୁ ଆର୍ମେନିଆ, ଗ୍ରୀସ୍,ସାଇପ୍ରସ ଓ ପର୍ତ୍ତୁଗାଲ ପରି ଦେଶ ସଙ୍କଟରେ ଥିଲାବେଳେ ଭାରତ ସେହି କ୍ଷେତ୍ରରେ ନିଜର ଶକ୍ତି ବୃଦ୍ଧି ପାଇଁ ଏହିସବୁ ରାଷ୍ଟ୍ରକୁ ଇସ୍ରାଏଲ ସହ ଯୋଡି ନୂତନ ମେଟଂ ଗଠନ ପାଇଁ ପ୍ରୟାସ ଚଳାଇଛି । ଆର୍ମେନିଆ ସମେତ ଅନ୍ୟ ରାଷ୍ଟ୍ରଗୁଡିକରେ ବନ୍ଦର ନିର୍ମାଣ, ଅସ୍ତ୍ରଶସ୍ତ୍ର ଯୋଗାଣ, ବାଣିଜ୍ୟରେ ସହଯୋଗ, ଶିକ୍ଷା, ବିଜ୍ଞାନ ଏବଂ ମହାକାଶ କ୍ଷେତ୍ରରେ ଗବେଷଣା ଏବଂ ସହଯୋଗ ବୃଦ୍ଧି, ଚିକିତ୍ସା ଏବଂ ଶ୍ରମଶକ୍ତି ଯୋଗାଣ କ୍ଷେତ୍ରରେ କାର୍ଯ୍ୟକରିବା ପାଇଁ ପ୍ରୟାସ ଜାରି ରଖିଛି । ଫଳସ୍ୱରୂପ ବାରମ୍ବାର ଯୁଦ୍ଧର ସମ୍ମୁଖୀନ ହେଉଥିବା ଇସ୍ରାଏଲ ଏବେ ନିଜର ଆବଶ୍ୟକତାକୁ ପୂରଣ କରିବାପାଇଁ ଭାରତରେ ନିଜର କ୍ଷେପଣାସ୍ତ୍ର ନିର୍ମାଣ କରି ଇସ୍ରାଏଲକୁ ନେବାପାଇଁ ପ୍ରୟାସ ଚଳାଇଛି । ସେହିପରି ଆମେରିକାର ଆର୍ଥିକ ଧମକକୁ ଆଗାମୀ ଦିନରେ ଦୁର୍ବଳ କରିବା ପାଇଁ ଏବେଠାରୁ ବହୁ ରାଷ୍ଟ୍ର ସହ ୟୁପିଆଇକୁ ଯୋଡିବା ଏବଂ ଦେଣନେଣ ପାଇଁ ଡିଜିଟାଲ ମୁଦ୍ରା ଉପରେ ଜୋର ଦେବାକୁ ବ୍ରିକ୍ସର ଉଦ୍ୟମରେ ଭାରତ ସାମିଲ ହୋଇଛି ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







## ବିଳମ୍ବିତ ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆକସ୍ମିକ ପରିଦର୍ଶନ କଲେ ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ



ଝାରସୁଗୁଡ଼ା,୩୧/୭(ନି/ପ୍ର): ରାଜ୍ୟରେ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବାର ଗୁଣବତା ଓ ବିଭିନ୍ନ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିବା ପାଇଁ ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ ଡ. ବୃନ୍ଦା ଡି, ଜିଲ୍ଲାରେ ଆୟୋଜିତ ଦୁଇଦିନିଆ ଗସ୍ତ କାର୍ଯ୍ୟକ୍ରମ ମଧ୍ୟରେ ଗତକାଲି ବିଳମ୍ବିତ ରାତିରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହଠାତ୍ ପହଂଚି ନିରୀକ୍ଷଣ କରିଥିଲେ । ଏହି ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶକ୍ତି ପ୍ରସାଦ ପାଢ଼ୀ, ଡିପିଏଚ୍‌ଓ, ଏଡିପିଏଚ୍‌ଓ (ଫ୍ୟାମିଲି ୱେଲଫେୟାର), ଏଡିପିଏଚ୍‌ଓ (ମ୍ୟାଲେରିଆ), ଜିଲ୍ଲା କାର୍ଯ୍ୟକ୍ରମ ପ୍ରବନ୍ଧକ, ହସ୍ପିଟାଲ ମ୍ୟାନେଜର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ମିଶନ ନିର୍ଦ୍ଦେଶକ ଜରୁରୀକାଳୀନ ସେବା, ଅଗ୍ନିଶମ ନିରାପତ୍ତା, ସଂକ୍ରମଣ ନିୟନ୍ତ୍ରଣ ଓ ରାତ୍ରିକାଳୀନ ରୋଗୀସେବା ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଏହାସହ ସେ ଔଷଧ ବିତରଣ କେନ୍ଦ୍ର, ନମୁନା ସଂଗ୍ରହ ଗୃହ, ସମନ୍ୱିତ ଜନସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷାଗାର ଓ ପ୍ରସୂତି ଗୃହ ପରିଦର୍ଶନ କରି ଅନ୍-ଡ୍ୟୁଟି ଡାକ୍ତର, ନର୍ସି ଅଫିସର ଓ ଲାବୋରେଟୋରୀ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ବିଶେଷକରି ଔଷଧ ବିତରଣ କେନ୍ଦ୍ରରେ ଥିବା ପ୍ରକୃତ ଔଷଧ ଷ୍ଟକ୍ ଏବଂ ଷ୍ଟକ୍ ରେଜିଷ୍ଟର ମଧ୍ୟରେ ତାରତମ୍ୟ ଦେଖିବାକୁ ମିଳିଥିବାରୁ ମିଶନ ନିର୍ଦ୍ଦେଶକ ଚିନ୍ତା ପ୍ରକଟ କରିଥିଲେ । ଏହି ଅନିୟମିତତାକୁ ସୁଧାରିବା ପାଇଁ ରାତ୍ରି ଡ୍ୟୁଟି ସମୟରେ ଆକସ୍ମିକ ଯାଂଚ କରିବା, ଜିଲ୍ଲା ଔଷଧ ଭଣ୍ଡାରରୁ ନୂଆ ଔଷଧ ଆଣିବା ପୂର୍ବରୁ ପୁରୁଣା ଷ୍ଟକ୍ର ମେଳକ କରିବା ଏବଂ ଜରୁରୀ ଔଷଧ ତାଲିକାରେ ଥିବା ସମସ୍ତ ଔଷଧ ରୋଗୀଙ୍କ ପାଇଁ ଉପଲବ୍ଧ କରାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ ରୋଗୀଙ୍କ ପ୍ରେସକ୍ରିପସନ୍ଗୁଡ଼ିକର ସ୍କାନ୍ କପି ସୁରକ୍ଷିତ ରଖିବା ଏବଂ ଏକ୍ସପାୟରୀ ଔଷଧଗୁଡ଼ିକୁ ବାଓମେଡିକାଲ ବର୍ଜ୍ୟବସ୍ତୁ ନିୟମାନୁସାରେ ପୃଥକ କରି ନଷ୍ଟ କରିବାକୁ କୁହାଯାଇଛି । ଡାକ୍ତରଖାନାର ମୌଳିକ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପରିଷ୍କାର-ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦେବା, ନମୁନା ସଂଗ୍ରହ ଗୃହର ଭିନ୍ନିଭୂମି ସୁଧାରିବା, ମେସିନ୍ଗୁଡ଼ିକର ନିୟମିତ କାଲିବ୍ରେସନ୍ ରେକର୍ଡ ରଖିବା, ଲାବୋରେଟୋରୀ କେମିକାଲ୍ଗୁଡ଼ିକର ସଠିକ୍ ଲେବଲିଂ କରିବା ଏବଂ ବାଓମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜନସାଧାରଣଙ୍କ ସୁବିଧା ପାଇଁ ସୂଚନା ଫଳକ ଓ ଦିଗ-ଦର୍ଶକ ସାଇନ୍ବୋର୍ଡ ସଜାଡ଼ିବାକୁ ମଧ୍ୟ ନିର୍ଦ୍ଦେଶ ମିଳିଛି । ଜିଲ୍ଲାର ପ୍ରତ୍ୟେକ ନାଗରିକଙ୍କୁ ଗୁଣାତ୍ମକ, ସ୍ୱଚ୍ଛ ଓ ଉତରଦାୟୀ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏହିପରି କ୍ଷେତ୍ରୀୟ ପରିଦର୍ଶନ ଜାରି ରହିବ ବୋଲି ମିଶନ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଭାରତରତ୍ନ ଜେ.ଆର.ଡି. ଟାଟାଙ୍କ ୧୨୨ତମ ଜୟନ୍ତୀ ପାଳିତ



ଝାରସୁଗୁଡା,୩୧/୭(ନି/ପ୍ର): ଟିଆରଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ୍ ଲିମିଟେଡ୍ ପକ୍ଷରୁ ଭାରତରତ୍ନ, ବିଶିଷ୍ଟ ଶିଳ୍ପପତି, ଦୂରଦର୍ଶୀ ନେତା ତଥା ଆଧୁନିକ ଭାରତର ଶିଳ୍ପ ବିକାଶର ଅନ୍ୟତମ ସ୍ଥପତି ଜେ.ଆ.ଡି. ଟାଟାଙ୍କ ୧୨୨ତମ ଜୟନ୍ତୀ ଅବସରରେ ବୁଧବାର ବେଲପାହାଡ଼ସ୍ଥିତ ଟାଟା ପାର୍କ ପରିସରରେ ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରାଯାଇଛି । ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଟିଆରଏଲ୍ କ୍ରୋସାକିର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜେ.ଆର.ଡି. ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବସରରେ ସେ ଜେ.ଆର.ଡି. ଟାଟାଙ୍କ ଆଦର୍ଶ, ସତ୍ୟନିଷ୍ଠା, ଉତ୍କର୍ଷତା ଏବଂ ରାଷ୍ଟ୍ର ଗଠନ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରି ସମସ୍ତଙ୍କୁ ତାଙ୍କ ଆଦର୍ଶ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ ଡ଼. ତୁଷାର କାନ୍ତି ଦାସ (ନିର୍ଦ୍ଦେଶକ, ମେଡିକାଲ ସର୍ଭିସେସ୍), ବିଶାଳ ସାହୁ, ସୀତାକାନ୍ତ ପୃଷ୍ଟି, ସୁଶାନ୍ତ କୁମାର ଦାସ, କୁମାର ହେରମ୍ବ ନାରାୟଣ ନାୟକ, ନିରଞ୍ଜନ ଦାଶ, ମାନସ ରଞ୍ଜନ ପାଢ଼ୀ ଓ ମନୋଜ ପଟେଲ ଉପସ୍ଥିତ ଥିଲେ । ଏଥିସହ ବେଲପାହାଡ଼ର ବିଶିଷ୍ଟ ପ୍ରବୀଣ ନାଗରିକ ସଞ୍ଜୟ ସିଂହ, ବବ୍ଲୁ ସିଂହ ଓ ଯୁଧିଷ୍ଠିର ମୁଖୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, କମ୍ପାନୀର କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଜେ.ଆ.ଡି. ଟାଟାଙ୍କ ଜୀବନ, ଦୂରଦର୍ଶୀ ନେତୃତ୍ୱ ଓ ଦେଶ ଗଠନରେ ତାଙ୍କ ଅବିସ୍ମରଣୀୟ ଅବଦାନକୁ ସ୍ମରଣ କରି ଟିଆରଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ୍ ଲିମିଟେଡ୍ ପୁନର୍ବାର ବିଶ୍ୱାସ, ଦାୟିତ୍ୱବୋଧ ଏବଂ ଉତ୍କର୍ଷତାର ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିବା ପାଇଁ ସଂକଳ୍ପବଦ୍ଧ ହୋଇଥିବା ପ୍ରକାଶ କରିଛି ।

## ଧର୍ମେନ୍ଦ୍ର ପ୍ରଧାନଙ୍କ ସାଂସଦ ପଦରୁ ଇସ୍ତଫା ଦାବି କଲା ସମ୍ବଲପୁର ବିଜେଡି




ସମ୍ବଲପୁର,୩୧/୭(ନି/ପ୍ର):ବିଜୁ ଜନତା ଦଳ (ବିଜେଡି) ସମ୍ବଲପୁର ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଇଂ ରୋହିତ ପୂଜାରୀ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ଓ ଜିଲ୍ଲା ପରିଷଦ ସଭାପତି କୁମୋଦିନି ନାୟକଙ୍କ ଉପସ୍ଥିତିରେ ଦଳ ପକ୍ଷରୁ କୁହାଯାଇଛି ଯେ,କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ ତାଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ଯେଉଁଭଳି ଭାବରେ ସ୍ୱାଗତ କରାଗଲା, ତାହାକୁ ନେଇ ସମ୍ବଲପୁର ବିଜେଡି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଜେଡି ପକ୍ଷରୁ ପ୍ରଶ୍ନ ଉଠାଇଛନ୍ତି ଯେ, 'ଧର୍ମେନ୍ଦ୍ର ପ୍ରଧାନ କଣ କୌଣସି ଯୁଦ୍ଧ ଜୟ କରି ଫେରିଛନ୍ତି କିମ୍ବା ଦେଶ ପାଇଁ କୌଣସି ବଡ଼ ଉପଲବ୍ଧି ହାସଲ କରି ଆସିଛନ୍ତି, ଯେଉଁଥିପାଇଁ ତାଙ୍କୁ ଏଭଳି ଭବ୍ୟ ସ୍ୱାଗତ କରାଯାଉଛି ?' କିଛି ଚାଟୁକାର ନେତା ଓ ମନ୍ତ୍ରୀ ନିଜର ବାହାବାହା ନେବା ପାଇଁ ଏହି ସ୍ୱାଗତ ସମାରୋହ ଆୟୋଜନ କରିଥିଲେ ବୋଲି ଦଳ କଟୁ ସମାଲୋଚନା କରିଛି । ?'ନୈତିକତା ଥିଲେ ସାଂସଦ ପଦରୁ ମଧ୍ୟ ଦିଅନ୍ତୁ ଇସ୍ତଫା'ସମ୍ବଲପୁର ବିଜେଡି କହିଛି ଯେ, ଯଦି ସେ ନୈତିକତା ଦୃଷ୍ଟିରୁ ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି, ତେବେ ତାଙ୍କର ସମ୍ବଲପୁର ସାଂସଦ ପଦରେ ରହିବାର ମଧ୍ୟ କୌଣସି ଅଧିକାର ନାହିଁ । ସେ ସାଂସଦ ପଦରୁ ମଧ୍ୟ ତୁରନ୍ତ ଇସ୍ତଫା ଦେବା ଉଚିତ । ତେବେ ଯାଇ ତାଙ୍କୁ ସ୍ୱାଗତ କଲେ ଶୋଭା ପାଇବ । ଏପଟେ ପେପର ଲିକ୍ ଓ ପରୀକ୍ଷା ଦୁର୍ନୀତି ଯୋଗୁଁ ଆତ୍ମହତ୍ୟା କରିଥିବା ନିରୀହ ଛାତ୍ରଛାତ୍ରୀଙ୍କ ପରିବାର ଆଜି ଦୁଃଖ ଓ ଶୋକ ସାଗରରେ ବୁଡ଼ି ରହିଛନ୍ତି । ଅନ୍ୟପଟେ ବିଜେପି ନେତାମାନେ ଉତ୍ସବ ମନାଇ ସ୍ୱାଗତ ସମାରୋହ କରୁଛନ୍ତି, ଯାହା ଅତ୍ୟନ୍ତ ସମ୍ବେଦନହୀନ ଓ ଦୁର୍ଭାଗ୍ୟଜନକ ବୋଲି ବିଜେଡି ଅଭିଯୋଗ କରିଛି । ଏହି ଘଟଣାକୁ ନେଇ ସମ୍ବଲପୁର ରାଜନୀତି ଏବେ ବେଶ୍ ସରଗରମ ହୋଇପଡ଼ିଛି ।

## ରୋହିତଙ୍କ ବୟାନ 'ସୈତାନ ର ବେଦ ପାଠ ଭଳି' :ନାଉରୀ



ସମ୍ବଲପୁର,୩୧/୭(ନି/ପ୍ର):ନିଟ ପ୍ରଶ୍ନ ପତ୍ର ଲିକ୍, ପରବର୍ତୀ ଆନ୍ଦୋଳନ, ପରେ ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଓ ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କୁ ନେଇ ବିଜେଡି ଜିଲ୍ଲା ସଭାପତି ଇଂ.ରୋହିତ ପୂଜାରୀ ଙ୍କ ପକ୍ଷରୁ କରାଯାଇଥିବା ଟିପ୍ପଣୀ କୁ ନେଇ ବିଜେପି ପକ୍ଷରୁ ପ୍ରତିକ୍ରିୟା ରଖିଲେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ । ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ଦ୍ୱାରା ପ୍ରଦତ୍ତ ଏକ ପ୍ରେସ ବିବୃତିରେ ଶ୍ରୀ ନାଉରୀ ନାୟକ କହିଛନ୍ତି ଯେ, ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ଇଂ.ରୋହିତ ପୂଜାରୀ ଆଜି ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ଯେତିକି ହାସ୍ୟାସ୍ପଦ ସେତିକି ନିନ୍ଦନୀୟ । ତାଙ୍କର ବକ୍ତବ୍ୟ ଶୁଣିଲେ ଲାଗୁଚି ଯେମିତି ସୈତାନ ବେଦ ପାଠ କରୁଛି । ନବୀନ ପଟ୍ଟନାୟକ ଙ୍କ ୨୪ ବର୍ଷ ର ଶାସନ କାଳରେ ସେ ନିଜେ ୧୦ ବର୍ଷ କ୍ଷମତାରେ ରହିଥିଲେ । ଆଜି ସେ ଛାତ୍ର ଛାତ୍ରୀ ଯୁବକ୍ ଯୁବତୀ ଙ୍କୁ ନେଇ ଯେଉଁ ଉଦବେଗ ପ୍ରକାଶ କରିଛନ୍ତି ତାହା ତାଙ୍କ ପାଇଁ ବୁମେରାଂ ସଦୃଶ । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀର ଲକ୍ଷ ଲକ୍ଷ ଲୋକ ନିର୍ବାଚିତ କରି ମାତ୍ରାଧିକ ବ୍ୟବଧାନ ରେ ସମ୍ମାନ୍ ପୂର୍ବକ ଭାବେ ଲୋକସଭାକୁ ପଠେଇଛନ୍ତି ।

## ଝାରସୁଗୁଡ଼ା ଗୋଶାଳା ପରିଦର୍ଶନ କଲେ ଜିଲ୍ଲାପାଳ



ଝାରସୁଗୁଡ଼ା,୩୧/୭(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଝାରସୁଗୁଡ଼ା ସ୍ଥିତ ଗୋଶାଳା ପରିଦର୍ଶନ କରି ସେଠାରେ ଚାଲିଥିବା ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରିଥିଲେ । ପରିଦର୍ଶନ ସମୟରେ ଜିଲ୍ଲାପାଳ ଗୋଶାଳାର ସ୍ୱଚ୍ଛତା, ଗୋ-ସେବା, ପଶୁମାନଙ୍କ ଯତ୍ନ ଓ ଉପଲବ୍ଧ ଭିନ୍ନିଭୂମିର ତଦାରଖ କରିଥିଲେ । ଗୋଶାଳାର ରକ୍ଷଣାବେକ୍ଷଣକୁ ଅଧିକ ସୁଦୃଢ଼ କରିବା ସହ ଗୋବଂଶଙ୍କ ପାଇଁ ଆବଶ୍ୟକ ସୁବିଧାସୁଯୋଗର ଉନ୍ନତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଗୋଶାଳାର କର୍ମକର୍ତା, ସେକ୍ରେଟାରୀ ଅନିଲ ବୋଆନିଆ,ସନ୍ଦୀପ ଅଗସ୍ତି, ମୁକେଶ ତିୱାରୀ, ଗୋପାଳ କେଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ । ଗୋଶାଳାର ସାମଗ୍ରିକ ପରିଚାଳନାକୁ ଅଧିକ ଫଳପ୍ରଦ କରିବା ଏବଂ ପଶୁମାନଙ୍କ ଉନ୍ନତ ଯତ୍ନ ସୁନିଶ୍ଚିତ କରିବା ନେଇ ଜିଲ୍ଲାପାଳ ଚହ୍ୱାଣ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିଥିଲେ ଏବଂ ଯେଉଁଠି ବି କିଛି କମି ଅଛି ତାକୁ ପୂରଣ କରିବା ପାଇଁ କର୍ତୃପକ୍ଷଙ୍କୁ କହିବା ସହ ପ୍ରଶାସନ ଆବଶ୍ୟକ ସମୟରେ ସଦାସର୍ବଦା ସହଯୋଗ କରିବ ବୋଲି ମତବ୍ୟକ୍ତ କରିଥିଲେ ।

## ବେଲମୁଣ୍ଡା ପୋଖରୀ ପାଣିରେ ଶହେ ଏକର ଧାନ ଚାଷ ଜମି ଜଳମଗ୍ନ

ଝାରସୁଗୁଡ଼ା,୩୧/୭(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ବିଗତ ଦୁଇ ଦିନ ଧରି ଲାଗି ରହିଥିବା ପ୍ରବଳ ବର୍ଷା ଜନଜୀବନ ସହ କୃଷି କ୍ଷେତ୍ରକୁ ମଧ୍ୟ ଗୁରୁତର ଭାବେ ପ୍ରଭାବିତ କରିଛି । ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଘରଦ୍ୱାର, ରାସ୍ତାଘାଟ, ଗଛ ଓ ବିଦ୍ୟୁତ୍ ଖୁଂଟର କ୍ଷତି ଘଟିଥିବାବେଳେ ସବୁଠାରୁ ଅଧିକ ଚିନ୍ତାରେ ପଡ଼ିଛନ୍ତି ଚାଷୀ । ନଈ, ନାଳ, ପୋଖରୀ ଓ ବନ୍ଧ ନିକଟବର୍ତୀ ଚାଷ ଜମିରେ ପାଣି ଭର୍ତ୍ତିହୋଇ ରହିଥିବାରୁ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ବଢ଼ିଛି । ବିଶେଷକରି କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ନିକଟସ୍ଥ ବେଲମୁଣ୍ଡା ପୋଖରି ପରିସ୍ଥିତି ଅଧିକ ଗମ୍ଭୀର ରହିଛି । ଲଗାଣ ବର୍ଷା ପରେ ପୋଖରୀ ପାଣି ହିଡ଼ ଉପର ଦେଇ ପ୍ରବାହିତ ହେବାରୁ ଉପରମୁଣ୍ଡରେ ଥିବା ପ୍ରାୟ ୧୦୦ ଏକର ଧାନ ଚାଷ ଜମି ଜଳମଗ୍ନ ହୋଇଯାଇଛି । ଚାଷ ଜମିରେ ପ୍ରାୟ ୧ରୁ ୨ ଫୁଟ ପର୍ଯ୍ୟନ୍ତ ପାଣି ଜମି ରହିଥିବାରୁ ନୂତନ ଭାବେ ରୋପଣ କରାଯାଇଥିବା ଧାନ ଚାରା ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ଚାଷୀମାନଙ୍କ କହିବା ଅନୁସାରେ, ଏହି ସମୟରେ ଧାନ ଚାରା ବୃଦ୍ଧି ପାଇଁ ଅଧିକ ଦିନ ପାଣି ଜମି ରହିବା କ୍ଷତିକାରକ । ଯଦି ଆଗାମୀ କିଛି ଦିନ ମଧ୍ୟରେ ଜମିରୁ ପାଣି ନିଷ୍କାସନ ନ ହୁଏ, ତେବେ ଧାନ ଗଛ ପଚିଯିବା ସହ ଉତ୍ପାଦନରେ ବ୍ୟାପକ ପ୍ରଭାବ ପଡ଼ିବ । ଏହା ଫଳରେ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି । ସ୍ଥାନୀୟ ଚାଷୀମାନେ ପ୍ରଶାସନ ଓ କୃଷି ବିଭାଗକୁ ତୁରନ୍ତ କ୍ଷୟକ୍ଷତିର ସରଜମିନ ତଦନ୍ତ କରି ପ୍ରଭାବିତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇବା ସହ ଜମିରୁ ପାଣି ନିଷ୍କାସନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ଅନ୍ୟପକ୍ଷରେ ପାଣି ସ୍ତର କମିବା ପର୍ଯ୍ୟନ୍ତ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଥିବା ଦେଖାଯାଉଛି ।

## ପର୍ଏଁରୀ ଅନୁଷ୍ଠାନ ପକ୍ଷରୁ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ

ସୁବର୍ଣପୁର,୩୧/୭(ନି/ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ଏବଂ ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର, ନୂଆଁ ଦିଲ୍ଲୀ ସହଯୋଗରେ ଆଜି ପବିତ୍ର ଗୁରୁ ପୂର୍ଣ୍ଣମା ଉତ୍ସ୍ୱ ଅନୁଷ୍ଠିତ ହୋଇଥିଲା କ୍ଷ ସାରସ୍ୱତ ଗୁରୁ ଶିଷ୍ୟ ପରମ୍ପରା ସହିତ ଲୋକନୃତ୍ୟ କରସମାନୀ ପ୍ରର୍ଦଶନ କରା ଯାଇଥିଲା କ୍ଷ ଅନୁଷ୍ଠାନ ର ସଭାପତି ଲଡୁକିଶୋର ମଲ୍ଲିକଙ୍କ ଅଧକ୍ଷତାରେ ଏବଂ ସଂପାଦକ ଚୌଧୁରୀ ବିଭାରବଙ୍କ ସଂଯୋଜନାରେ ଜିଲ୍ଲାର କଳା, ନାଟକ, ସଂଗୀତ, ନୃତ୍ୟ ଓ ସଂସ୍କୃତିକୁ ନିଜର ନିଷା ଭାବରେ ଆପଣେଇ ନେଇଥିବା ପ୍ରବୀଣ ବର୍ଷିଆନ ଗୁରୁ ଏବଂ ଶିଷ୍ୟ ମାନଙ୍କୁ ଅନୁଷ୍ଠାନ ତରଫରୁ ଗୁରୁଶ୍ରୀ ଓ ଶିଷ୍ୟଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉଲୁଣ୍ଡା ବ୍ଲକର ଶ୍ରୀପୁରା ଗ୍ରାମର ଗୁରୁ ନେପାଲ ଭୋଇ, ଡୁଂଗୁରିପାଲି ବ୍ଲକର ବେହେରାମାଲ ଗ୍ରାମର ତାଲସମ୍ଭ୍ରଦା କଳାକାର ଗୁରୁ ଅକୃର୍ ପଧାନ, ସମଲେଇବୁଆଁର ମଂଚ ଅଭିନେତା ଗୁରୁ ଯୁଗଲାଲ ପଧାନ, ଗିଧମାଲ ର କରମସାନୀ କଳାକାର ଗୁରୁ ଚଉବନ ଭୋଇ, ସୋନପୁର ଘୋଡାଘାଟପରା କଳାକାର ଗୁରୁ ସଦାମ ନାଏକ ଓ ବିନିକା ବ୍ଲକର କରମସାନୀ ବାଦ୍ୟ ଶିଳ୍ପୀ ଗୁରୁ ଘନଶ୍ୟାମ ଭୁଏ "ତପ୍ସ୍ୱିଶ୍ରୀ ସମ୍ମାନ-୨୦୨୬" ରେ ଅତିଥି ମାନଙ୍କ ଦ୍ୱାରା ମାନପତ୍ର, ଉପଢୌକନ ଓ ଫୁଲତୋଡା ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା । ସେହିପରି ଶ୍ରୀ ଦାଶରଥି ମହାନନ୍ଦିଆ, ଶ୍ରୀ ସନ ବଘାର ଓ ଶ୍ରୀ ବୁଲୁ ବାଘ ପ୍ରମୁଖଙ୍କୁ "ଶିଷ୍ୟଶ୍ରୀ ସମ୍ମାନ-୨୦୨୬" ମଧ୍ୟ ସମ୍ମାନିତ କରାଯାଇଥିଲା । ପ୍ରଥମେ କଳାକାର ଗୁରୁ ଗୋକୁଳ ମାଝି ଓ ମହାଦେବ ବେହେରା ଆବାହନୀ ସଂଗୀତ ପରିବେଷଣ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ, ଶ୍ରୀ ଅଭିମନ୍ୟୁ କୁଶଳ ଓ ଶ୍ରୀମତୀ ମମତା ଦାସ, ସୋନପୁର ସମ୍ମାନୀତ ଅତିଥି ଓ ଐତିହାସିକ, ଲେଖକ ଗୁରୁ ସୁଦାମ ନାଏକ ଆଲୋକଚ ଭାବରେ ଉପସ୍ଥିତ ରହି ଏହା ଗୋଟିଏ ନିଆରା ଗୁରୁଶିଷ୍ୟ ପରମ୍ପରା ର ନିର୍ଦ୍ଦଶନ ସହିତ ଉଚ୍ଚ କୋଟିର କାର୍ଯ୍ୟକ୍ରମ ବୋଲି ମତ ବ୍ୟକ୍ତ କରିଥିଲେ । ପୁରୀ ଶ୍ରୀମନ୍ଦିରର ନିଳଚକ୍ର କୁ କପଡାରେ ଡିଜାଇନ କରି ସାଉତ ଚାଇନାରେ ଶ୍ରେଷ୍ଠ ଡାଜାଇନର ପୁରଷ୍କାର ପାଇଥିବା ଶ୍ରୀମତୀ ମମତା ଦାସଙ୍କୁ ଅନୁଷ୍ଠାନ ତରଫରୁ ବିପୁଳ ସମ୍ବର୍ଦ୍ଧନା କରାଯାଇଥିଲା । ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଲୋକନୃତ୍ୟ ଓ ଲୋକଗୀତ କରମସାନୀ ପରିବେଷଣ ହୋଇଥିଲା । ଅନୁଷ୍ଠାନର ଉପ-ସଭାପତି ଶ୍ରୀ ପ୍ରଫୁଲ୍ଲ କୁମାର ନାଏକ ଅତିଥି ପରିଚୟ ପ୍ରଧାନ କରିଥିଲେ ଏବଂ କାର୍ଯ୍ୟକ୍ରମର ଶେଷରେ ସହ ସଂପାଦକ ଶ୍ରୀ ପୃଥିରାଜ ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଗୋପାଳ ମେହେର, ସନ୍ତୋଷ ମିଶ୍ର, ସୌମ୍ୟ ରଂଜନ ସେଠୀ, ଅମିତ ସାହୁ ଶଙ୍କର ମେହେର, ଶ୍ରୀମତୀ ସସ୍ମିତା ରାଣୀ ଦୀପ ଓ ସୁଶାନ୍ତ ସାହୁ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ଲୋକ କଳାକାର ଅଂଶଗ୍ରହଣ କରିଲେ । କଳାକାର ଗୁରୁ ସଦାନନ୍ଦ ମାଝି, ଗୁରୁ ଗୋକୁଳ ମାଝି, ଗୁରୁ ନିରାକାର ଦେହୁରୀ, ଗୁରୁ ରମେଶ ପଧାନ, ଗୁରୁ ବୌରାଗୀ ବାଘ, ଗୁରୁ ଶ୍ୟାମ ସୁନ୍ଦର ସୁନା, ସିଲନ ଭୋଇ, ଗୁରୁ ମାନଭଂଜନ ଭୋଇ, ଜୟଶ୍ୱର କୁମ୍ଭାର, ଗଜନ୍ଦ୍ରିର ରାଣଭଂସିଆ, କୁମାର ମହାନନ୍ଦ, ସିଧେଶ୍ୱର ରାଜହଂସ, ଚନ୍ଦ୍ରଶେଖର କର୍ମି, କରୁଣା ବଗତି, ପରିକ୍ଷିତ ବଗର୍ତି, କୃତିବାସ ବଗର୍ତି, ଭଜନ କମ୍ଭାର, ନାରାୟଣ କୁମ୍ଭାର, ରାଘବ ସୁନା, ଶ୍ରୀଧର ପେରା ପ୍ରମୁଖ ଗୀତ ଓ ନାଚ ପରିବେଷଣ କରିଥିଲେ ।

## ଭେଡେନ ନଦୀରେ ବନ୍ୟା ଉଫାନ: ଭାଗିପାଲି ପୋଲ ଉପରେ ଆଣ୍ଠୁଏ ପାଣି

ଝାରସୁଗୁଡ଼ା,୩୧/୭(ନି/ପ୍ର): ଲଗାଣ ବର୍ଷା ଯୋଗୁଁ ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ଭେଡେନ ନଦୀରେ ଜଳସ୍ତର ଦ୍ରୁତ ଗତିରେ ବଢ଼ିବାରୁ ଭାଗିପାଲି ଠାରେ ଥିବା ପୋଲ ଉପରେ ବୁଧବାର ସକାଳୁ ଆଣ୍ଠୁଏ ଉଚ୍ଚର ବନ୍ୟା ପାଣି ପ୍ରବାହିତ ହେଉଛି । ଫଳରେ ଏହି ପୋଲ ଦେଇ ସମସ୍ତ ପ୍ରକାର ଗମନାଗମନ ବନ୍ଦ ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକମାନେ ନାହିଁ ନଥିବା ଦୁର୍ଭୋଗର ସମ୍ମୁଖୀନ ହେଉଛନ୍ତି । ଭାଗିପାଲି ପୋଲ ଉପରେ ବନ୍ୟା ପାଣି ଚାଲୁଥିବାରୁ କାତିକେଲା, ଭୁର୍କାମୁଣ୍ଡା, ଭାଗିପାଲି ସମେତ ପାଖାପାଖି ଅନେକ ଗ୍ରାମର ସଡ଼କ ସଂଯୋଗ ପ୍ରଭାବିତ ହୋଇଛି । ଏହି ରାସ୍ତା ଉପରେ ନିର୍ଭରଶୀଳ ହଜାର ହଜାର ଲୋକ ଦୈନନ୍ଦିନ କାର୍ଯ୍ୟ, ଶିକ୍ଷା ଓ ଜରୁରୀ ସେବା ପାଇଁ ଝାରସୁଗୁଡ଼ା ସହରକୁ ଯାତାୟାତ କରୁଥିବାରୁ ହଠାତ୍ ଯୋଗାଯୋଗ ବନ୍ଦ ହେବା ସେମାନଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି । ବିଶେଷକରି ସ୍କୁଲ, କଲେଜ ଓ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ପଢ଼ିବା ପାଇଁ ପ୍ରତିଦିନ ଝାରସୁଗୁଡ଼ା ସହରକୁ ଆସୁଥିବା ଛାତ୍ରଛାତ୍ରୀମାନେ ରାସ୍ତାରେ ଅଟକି ଯାଇଛନ୍ତି । ସେହିପରି ଦୈନନ୍ଦିନ ଶ୍ରମିକ, ଚାକିରିଆ, ବ୍ୟବସାୟୀ ଓ ଜରୁରୀକାଳୀନ ଚିକିତ୍ସା ପାଇଁ ସହରକୁ ଆସୁଥିବା ରୋଗୀମାନେ ମଧ୍ୟ ଯାତାୟାତ ବନ୍ଦ ହେବାରୁ ଅସୁବିଧାରେ ପଡ଼ିଛନ୍ତି । ସ୍ଥାନୀୟ ଲୋକମାନେ ପ୍ରଶାସନକୁ ପରିସ୍ଥିତି ଉପରେ ନଜର ରଖିବା ସହ ବିପଦପୂର୍ଣ୍ଣ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଛନ୍ତି ।

## ଗାଁ ଦାଣ୍ଡରେ ଚାଲିଲା ଡଙ୍ଗା ; ବଢୁଛି କୁମ୍ଭୀର ଆତଙ୍କ



ରାଜକନିକା,୩୧/୭(ନି/ପ୍ର): ବୈତରଣୀ ନଦୀରେ ବନ୍ୟା ହଜାର ହଜାର ଲୋକଙ୍କୁ ଯନ୍ତ୍ରଣା ଦେଇଛି । ଲୋକଙ୍କର ନିଦ ହଜାର ଦେଇଛି । କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଅଧୀନ କାଇମା କନପୁରୁ ଗାଁର ମୁଖ୍ୟ ରାସ୍ତାରେ ଚାରି ଫୁଟର ବନ୍ୟା ପାଣି ପ୍ରବାହିତ ହେଉଛି । ଏଠାରେ ପ୍ରାୟ ଦୁଇ ଶହ ପରିବାର ଜଳବନ୍ଦି ଜୀବନଯାପନ କରୁଛନ୍ତି । ଗାଁ ଦାଣ୍ଡରେ ଡ଼ଙ୍ଗା ଚାଲିଛି । ପିଇବା ପାଣି ପାଇଁ ଜୀବନକୁ ବାଜି ଲଗାଉଛନ୍ତି । କୁମ୍ଭୀର ଭୟ ଉପୁଜିଛି । ରିପୋର୍ଟ ଲେଖାଯିବା ବେଳକୁ ପ୍ରଶାସନ ପହଂଚି ପାରି ନାହିଁ । ଲଗାଣ ବର୍ଷା ପରେ ଏବେ ବୈତରଣୀ ନଦୀରେ ବନ୍ୟା ଆସିଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକର ନଦୀ କୂଳିଆ ଗାଁ ଲୋକମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବାରକ୍ଷହା ଦୋମଣ୍ଡ ପଚାଂୟତର କାଇମା କନପୁରୁ, ସେଠିସାହି ଗାଁର ମୁଖ୍ୟରାସ୍ତାରେ ୫ ଫୁଟ ଉଚ୍ଚର ବନ୍ୟା ଜଳ, ଦୁଇ ଶହ ପରିବାର ଜଳବନ୍ଦି । ଗାଁ ଦାଣ୍ଡରେ ଚାଲିଛି ଡ଼ଙ୍ଗା, ପିଇବା ପାଣି ଲାଗି ଜୀବନକୁ ବାଜି ଲଗାଇ ପାଣି ପସି ବିପଦ ସଂକୁଳ ଅବସ୍ଥାରେ ଏକ କିମି ଆସୁଛନ୍ତି ଲୋକେକ୍ଷ ଘର ଭିତରେ ଆଣ୍ଠୁଏ ପାଣି, ଛାତ ଉପରେ ରହିଛନ୍ତି ପରିବାରକ୍ଷ ଗାଁରେ ବୁଡି ଯାଇଛି ନଳକୂପ, ଡ଼ଙ୍ଗା ସାହାଯ୍ୟ ରେ ଆଣୁ ଛନ୍ତି ପିଇବା ପାଣି ପ୍ରଶାସନ ପକ୍ଷରୁ ନା ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇଛି । ନା ଶୁଖିଲା ଖାଦ୍ୟ, ନା ପିଇବା ପାଣିର ର ବ୍ୟବସ୍ଥା କରାଯାଇଛି । ଏପର୍ଯ୍ୟନ୍ତ ପ୍ରଶାସନ ପହଂଚି ପାରିନାହିଁ । ଲୋକମାନଙ୍କ ମଧ୍ୟ ରେ ଅସନ୍ତୋଷ ପ୍ରକାଶ ପାଉଛିକ୍ଷ ନଦୀ କୂଳରେ ଗାଁ ଥିବାରୁ କୁମ୍ଭୀର ଓ ସାପ ଭୟ ଉପୁଜିଛି ।




# ଶ୍ରାବଣ ମାସରେ ଶିବଲିଙ୍ଗରେ ଜଳାଭିଷେକ ପାଇଁ ରେଳରେ ଯାତ୍ରା ସମୟରେ ଉତେଜନା ସୃଷ୍ଟି



ରାଉରକେଲା,୩୧/୭(ନି/ପ୍ର): ରାଉରକେଲା ରେଳ ଷ୍ଟେସନରେ ମହାଦେବଙ୍କ ଜଳାଭିଷେକ ପାଇଁ କାଉଡିଆମାନଙ୍କ ଯାତ୍ରା ସମୟରେ ଉନେଜନା ସୃଷ୍ଟି ହୋଇଥିଲା । ଶହ ଶହ ଲୋକଙ୍କ ଏକ ଗୋଷ୍ଠୀ ଦୁର୍ଗ-ଦାନାପୁର ଦକ୍ଷିଣ ବିହାର ଏକ୍ସପ୍ରେସରେ ବାବା ଧାମରୁ ରାଉରକେଲା ଦେଇ ଛତିଶଗଡ଼ ଯାତ୍ରା କରୁଥିଲେ । କିନ୍ତୁ, ଝାରସୁଗୁଡା ପୂର୍ବରୁ ରେଳ ଲାଇନ କାମ ଚାଲିଥିବାରୁ ଦକ୍ଷିଣ ବିହାର ଟ୍ରେନକୁ ରାଉରକେଲା ରେଳ ଷ୍ଟେସନରେ ହିଁ ଅଟକାଇ ଦିଆଯାଇଥିଲା । ଟ୍ରେନକୁ ରାଉରକେଲା ରେଳ ଷ୍ଟେସନରେ ଅଟକାଇ ଦିଆଯାଇଥିବାରୁ, କାଉଡିଆମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିଲା । କାଉଡିଆମାନେ ଅଭିଯୋଗ କରିଥିଲେ ଯେ, ସେମାନେ ଦୁଇ ମାସ ପୂର୍ବରୁ ଏଥିପାଇଁ ଟିକେଟ ବୁକ୍ କରିଥିଲେ । ବାବା ଧାମରେ ଭଗବାନ ଶିବଙ୍କୁ ଜଳ ଅର୍ପଣ କରିବା ପରେ, ଛତିଶଗଡ଼ର ନିଜ ଘରକୁ ଫେରୁଥିଲେ । ଆଜି ଯେତେବେଳେ ଶହ ଶହ କାଉଡିଆ ରାଉରକେଲା ରେଳ ଷ୍ଟେସନରେ ପହଚିଂଥିଲେ, ସେତେବେଳେ ସେମାନଙ୍କୁ ରେଳ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ, ଟ୍ରେନ୍ ଆଉ ଆଗକୁ ଯିବ ନାହିଁ । ଏହା ପରେ, କାଉଡିଆମାନେ ରାଉରକେଲା ରେଳ ଷ୍ଟେସନରେ ଓହ୍ଲାଇ ହଙ୍ଗାମା କରିବା ଆରମ୍ଭ କରିଥିଲେ । ରେଳ ଅଧିକାରୀମାନେ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । ଏ ନେଇ ଅଧିକାରୀମାନେ କହିଥିଲେ ଯେ ରେଳ ଲାଇନ କାମ ଚାଲିଛି, ତେଣୁ ସେମାନେ ଝାରସୁଗୁଡା ଯିବା ଉଚିତ ଏବଂ ସେଠାରୁ ସେମାନଙ୍କ ପାଇଁ ଅଧିକ ସୁବିଧା ଯୋଗାଇ ଦିଆଯିବ । ତଥାପି, କାଉଡିଆମାନେ ଅଭିଯୋଗ କରିଥିଲେ ଯେ କୌଣସି ବିକଳ୍ପ ବିଷୟରେ ଆଲୋଚନା କରାଯାଉ ନାହିଁ, କେବଳ ମୌଖିକ ଭାବରେ ସେମାନଙ୍କୁ କୁହାଯାଉଥିଲା ଯେ ସେମାନଙ୍କ ପାଇଁ ସାଧନ ଯୋଗାଇ ଦିଆଯିବ । କାଉଡିଆମାନେ ଅଭିଯୋଗ କରିଥିଲେ ଯେ, ଦୟାକରି ସେମାନଙ୍କୁ କୁହାଯାଉ ସେମାନେ କିପରି ଛତିଶଗଡ଼ ଯିବେ । ମଧ୍ୟାହ୍ନରେ ଛତିଶଗଡ଼କୁ କୌଣସି ବସ୍ ନଥିବାରୁ କାଉଡିଆମାନେ ରାଉରକେଲା ରେଳ ଷ୍ଟେସନରେ ବହୁତ ହଙ୍ଗାମା କରିଥିଲେ । ବରିଷ୍ଠ ରେଳ ଅଧିକାରୀମାନେ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲାବେଳେ, କାଉଡ଼ିଆମାନେ ଅଧିକାରୀଙ୍କ କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ । ସେମାନେ କହିଥିଲେ ଯେ ସେମାନଙ୍କୁ ଛତିଶଗଡ଼ ପଠାଇବା ପାଇଁ କିଛି ବିକଳ୍ପ ବ୍ୟବସ୍ଥା କରାଯିବା ଉଚିତ, କାରଣ କିଛି କାଉଡ଼ିଆ ବିଳାସପୁରର ଏବଂ କିଛି ରାୟପୁରର । ବାବା ଧାମରେ ଜଳ ଅର୍ପଣ କରିବା ପରେ ସମସ୍ତ କାଉଡ଼ିଆ ନିଜ ଘରକୁ ଫେରିବାର ଆଶା ହରାଇଛନ୍ତି । ସେମାନେ କହିଥିଲେ ଯେ ବରିଷ୍ଠ ରେଳ ଅଧିକାରୀମାନେ କିଛି ବିକଳ୍ପ ବ୍ୟବସ୍ଥା କରିବା ଉଚିତ ଯାହା ଦ୍ୱାରା କାଉଡ଼ିଆମାନେ ଛତିଶଗଡ଼ରେ ସେମାନଙ୍କ ଘରକୁ ଯାଇପାରିବେ । ଆଜି ଏହି ଘଟଣାକୁ ନେଇ ରାଉରକେଲା ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର-୧ରେ ବହୁତ ଉତେଜନା ଦେଖାଯାଇଥିଲା ।

# ଦ୍ୱିଦିବସୀୟ ଆବାସିକ ମନଶକ୍ତି କର୍ମଶାଳା ଆୟୋଜିତ



ରାଉରକେଲା,୩୧/୭(ନି/ପ୍ର): ଗତ ୨୯ ଓ ୩୦ ଜୁଲାଇ ୨୦୨୬ ତାରିଖରେ ରାଉରକେଲାର ହରିୟଣା ଭବନ ଠାରେ 'ଆମେ ଜାଣିବା, ଆମେ ଜିଣିବା' ଶୀର୍ଷକ ଦୁଇ ଦିନିଆ ଆବାସିକ ମନଶକ୍ତି କର୍ମଶାଳାର 'ସମୀକ୍ଷା' ଗୁରୁ ଗଙ୍ଗାଧର ଭି. ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ।ଏହି କର୍ମଶାଳାରେ ଅଂଶଗ୍ରହଣକାରୀମାନେ ଅବଚେତନ ମନର ଶକ୍ତି, ସକାରାତ୍ମକ ଚିନ୍ତାଧାରା, ଆତ୍ମବିଶ୍ୱାସ, ଲକ୍ଷ୍ୟ ନିର୍ଦ୍ଧାରଣ, ସ୍ୱ-ରୂପାନ୍ତରଣ ଓ ଜୀବନକୁ ଅଧିକ ସାର୍ଥକ କରିବାର ବିଭିନ୍ନ ପ୍ରାୟୋଗିକ ପଦ୍ଧତି ସମ୍ପର୍କରେ ଅନୁଭବ ଓ ପ୍ରଶିକ୍ଷଣ ଲାଭ କରିଥିଲେ । ସୀମାବଦ୍ଧ ବିଶ୍ୱାସକୁ ଚିହ୍ନଟ କରି ନୂତନ ସମ୍ଭାବନାକୁ ଜାଗ୍ରତ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କର୍ମଶାଳାରେ ନିମ୍ନଲିଖିତ ବିଷୟଗୁଡ଼ିକ ଯଥା ଅବଚେତନ ମନକୁ ବୁଝିବା,ସୀମିତ ବିଶ୍ୱାସକୁ ଚିହ୍ନଟ କରିବା,ସକାରାତ୍ମକ ପୁନଃପ୍ରୋଗ୍ରାମିଂ କୌଶଳ,ନିର୍ଦ୍ଦେଶିତ ଧ୍ୟାନ ଏବଂ ଦୃଶ୍ୟକରଣ, ସ୍ୱ-ପରିବର୍ତ୍ତନ ଅଭ୍ୟାସ ଉପରେ ଆଲୋଚନା ସହ ପ୍ରଶିକ୍ଷଣ ଦିଆଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଏହାପୂର୍ବରୁ ପୁରୀରେ 'ଶ୍ରୀକ୍ଷେତ୍ର ସଂକଳ୍ପ', ନୟାଗଡ଼ ଜିଲ୍ଲାର ଚାନ୍ଦପୁରରେ 'ସ୍ୱର ବିଜ୍ଞାନ – ଏକ ଚମତ୍କାର' ଏବଂ ହରିଦ୍ୱାରରେ 'ସ୍ୱର ସିଦ୍ଧି ହରିଦ୍ୱାର' ନାମରେ ସଫଳ କର୍ମଶାଳା ଆୟୋଜିତ ହୋଇସାରିଛି । ଏହି ଅବସରରେ ଡିଏମଆଇଟି ଆପ୍ଲିକେସନ ଉନ୍ମୋଚନ କରାଯାଇଥିଲା । ଏହି ଆପ୍ଲିକେସନ୍ ମାଧ୍ୟମରେ ଘରେ ବସି ଅନଲାଇନ୍ ଶିକ୍ଷା ଗ୍ରହଣ କରିବାର ସୁବିଧା ଉପଲବ୍ଧ ହେବ । ଏହି କର୍ମଶାଳାରେ ଓଡିଶା ।ର ପ୍ରତେକ ଜିଲ୍ଲାର ବହୁସଂଖ୍ୟକ ପ୍ରତିନିଧି ଯୋଗଦେଇଥିଲେ ବୋଲି ଆବାହକ ପ୍ରଦୀପ କୁମାର ସାହୁ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରୋଜିନୀ ଦାସ, ଶିଳ୍ପୀ ସୁଧା ମହାକୁଡ, ପ୍ରଦୀପ ସେନଗୁପ୍ତ, ପ୍ରଫୁଲ୍ଲ ନାଥ ଶର୍ମା, ଇତିଶ୍ରୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ଅଗଷ୍ଟ ୩ରୁ ରାଷ୍ଟ୍ରପତିଙ୍କ ତିନି ଦିନିଆ ଓଡ଼ିଶା ଗସ୍ତ



ଭୁବନେଶ୍ୱର,୩୧/୭(ନି/ପ୍ର): ଆସନ୍ତା ଅଗଷ୍ଟ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତରେ ଆସିବେ । ୪ ତାରିଖ ପୂର୍ବାହ୍ଣରେ ଭୁବନେଶ୍ୱର ରେଳ ଷ୍ଟେସନଠାରୁ ବ୍ରହ୍ମପୁର ଅଭିମୁଖେ ଟ୍ରେନ ଯୋଗେ ଗସ୍ତ କରିବେ । ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତିଙ୍କ ଗସ୍ତକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି (ଶୁକ୍ରବାର) ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଗୁରୁତ୍ୱ ଦେଇଛନ୍ତି । ପୁଲିସ, ରେଳବାଇ ଏବଂ ସାଧାରଣ ପ୍ରଶାସନ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାର ତ୍ରୁଟି କିମ୍ବା ବ୍ୟତିକ୍ରମ ନ ଘଟିବା ପାଇଁ ପ୍ରତ୍ୟେକ ବ୍ୟବସ୍ଥାର ନିୟମିତ ସମୀକ୍ଷା ଓ ତଦାରଖ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ କାର୍ଯ୍ୟକ୍ରମ ସ୍ଥଳ ଏବଂ ଭିଭିଆଇପିଙ୍କ ଯାତାୟାତ ମାର୍ଗରେ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଚଂ ଓ ଆଟିଂ-ସାବୋଟାଜ୍ ଯାଚଂ ସହ ସମ୍ପୂର୍ଣ୍ଣ ସତର୍କ ଓ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ରେଳ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସମଗ୍ର ରେଳପଥରେ ପାଟ୍ରୋଲିଂ ଜୋରଦାର କରାଯିବ ଏବଂ ସମସ୍ତ ଲେଭଲ୍ କ୍ରସିଂଗୁଡ଼ିକରେ ସୁରକ୍ଷାକର୍ମୀ ନିୟୋଜିତ ରହିବେ । ପ୍ଲାଟଫର୍ମ ଡ୍ୟୁଟିରେ ରହିବାକୁ ଥିବା ରେଳବାଇ କର୍ମଚାରୀଙ୍କୁ ପୂର୍ବରୁ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ଡ୍ୟୁଟି ପାସ୍ ପ୍ରଦାନ କରାଯାଉଛି ।

# ସାଧାରଣ ଲୋକଙ୍କ ଜୀବନ ଜୀବିକା ଓ ବଚିଂବାର ଅଧିକାର ଦାବିରେ ସିପିଆଇ(ଏମ୍) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର



ରାଉରକେଲା,୩୧/୭(ନି/ପ୍ର): ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଆଜି ସିପିଆଇ(ଏମ୍) ରାଉରକେଲା ଆଚଂଳିକ କମିଟି ପକ୍ଷରୁ ସାଧାରଣ ଲୋକଙ୍କ ଜୀବନ ଜୀବିକା ଓ ବଚିଂବା ଅଧିକାର ଦାବିରେ ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡିଶାରେ ବିଜେପିର ମୋହନ ଚରଣ ମାଝିଙ୍କ ସରକାର କ୍ଷମତାକୁ ଆସିବା ପରଠାରୁ ସାଧାରଣ ଲୋକଙ୍କ ଜୀବନ ଅଧିକ ଯନ୍ତ୍ରଣାଦାୟକ ହୋଇପଡ଼ିଛି । ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକ ପ୍ରତାରଣାରେ ପରିଣତ ହୋଇଛି ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, କୃଷି ସଙ୍କଟ, ଶ୍ରମିକ ଶୋଷଣ, ମହିଳାଙ୍କ ଉପରେ ବଢୁଥିବା ଅତ୍ୟାଚାର, ଆଦିବାସୀ ଓ ଦଳିତଙ୍କ ଉପରେ ଦମନ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଶିକ୍ଷାରେ ଅରାଜକତା, ଭୁଷୁଡ଼ି ପଡ଼ିଥିବା ସ୍ୱାସ୍ଥ୍ୟ ବ୍ୟବସ୍ଥା, ବିଦ୍ୟୁତ୍ ଦରବୃଦ୍ଧି, ସାମାଜିକ ସୁରକ୍ଷା ଯୋଜନାରେ କଟକଣା ଏବଂ କର୍ପୋରେଟ୍ ସ୍ୱାର୍ଥ ପାଇଁ ଜମି, ଜଙ୍ଗଲ ଓ ଖଣିଜ ସମ୍ପଦର ଲୁଣ୍ଠନ ଆଜି ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି । ।ଭରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ସିପିଆଇଏମ୍ ରାଉରକେଲା ଆଚଂଳିକ କମିଟି ପକ୍ଷରୁ ରାଉରକେଲା ଓ ରଘୁନାଥପାଲ୍ଲୀ ନିର୍ବାଚନମଣ୍ଡଳୀ ସମେତ ସୁନ୍ଦରଗଡ଼ ଜିଲ୍ଲାର ଅନ୍ୟ ବିଧାନସଭା କ୍ଷେତ୍ରରେ ସାଧାରଣ ଲୋକଙ୍କ ଜୀବନ ଜୀବିକା ଓ ବଚିଂବାର ଦାବି ଉପସ୍ଥାପନ କରାଯାଇଛି ।ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ତୃଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରି ତୃଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଣ । ବିଜ୍ଞାନସମ୍ମତ, ଧର୍ମନିରପେକ୍ଷ ଓ ସମ୍ବିଧାନସମ୍ମତ ଶିକ୍ଷା ବ୍ୟବସ୍ଥା ଚାଲୁକରିବା । ପାଠ୍ୟପୁସ୍ତକରେ ଥିବା ଅକ୍ଷମଣୀୟ ତୃଟି ପାଇଁ ଉତରଦାୟିତ୍ୱ ନେଇ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଏବଂ ଗଣଶିକ୍ଷା ବିଭାଗର ସଚିବଙ୍କୁ ବଦଳାଇ ଓଡ଼ିଆ ଭାଷାର ପାରଦର୍ଶୀତା ଥିବା ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ଦାବି କରାଯାଇଛି । ଚାଷୀଙ୍କ ସମସ୍ତ ଫସଲ ପାଇଁ ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଅନୁଯାୟୀ ମୋଟ ଉତ୍ପାଦନ ଖର୍ଚ୍ଚ(ସି- ୨)ଏବଂ ୫୦ ପ୍ରତିଶତ ଆଧାରରେ ସର୍ବନିମ୍ନ ସହାୟକ ମୂଲ୍ୟ (ଗ୍ଝଚ) ନିଶ୍ଚିତ କରାଯିବା ସହିତ ଚାଷୀ ଓ ଭାଗଚାଷୀଙ୍କୁ ରିହାତି ଦରରେ ବିହନ, ସାର, କୀଟନାଶକ, ବିଦ୍ୟୁତ୍ ଓ କୃଷି ଉପକରଣ, ଫସଲ ବୀମା ସୁବିଧା ଏବଂ ମଣ୍ଡିରେ ଫସଲ ବିକ୍ରୟର ଅଧିକାର ଦିଆଯିବା ସହିତ ଚାଷୀ ଆତ୍ମହତ୍ୟା ରୋକିବା ପାଇଁ କୃଷି ଋଣ ଛାଡ଼ କରାଯିବାକୁ ଦାବି କରାଯାଇଛି । ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ନିୟନ୍ତ୍ରଣ ସହ ବିଶ୍ୱ ବଜାରରେ ଅଶୋଧୀତ ତୈଳର ଦର କମିବା ଅନୁପାତରେ ରନ୍ଧନ ଗ୍ୟାସ୍, ଡ଼ିଜେଲ ଓ ପେଟ୍ରୋଲ୍‌ର ଦର ହ୍ରାସ କରାଯିବାକୁ ଦାବି କରାଯାଇଛି । ମନରେଗା ତଥା ଭି.ବି.ଜି. ରାମଜି ଯୋଜନାରେ ବର୍ଷକୁ ୨୦୦ ଦିନର କାମ ଓ ଦୈନିକ ୭୦୦ଟଙ୍କା ମଜୁରୀ ଦିଆଯିବା ସହିତ ଅନ୍ତତଃ ରାଜ୍ୟ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯିବାକୁ ଦାବି କରାଯାଇଛି । କୃଷି ଶ୍ରମିକ ଓ ଭାଗଚାଷୀଙ୍କ ପାଇଁ ସାମାଜିକ ସୁରକ୍ଷା ଓ ପେନସନ୍ ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି । ଶ୍ରମିକ ବିରୋଧୀ ଚାରିଟି ଶ୍ରମକୋଡ଼ ପ୍ରତ୍ୟାହାର କରାଯିବା ସହିତ ସମସ୍ତ ଠିକା, ଆଉଟସୋର୍ସିଂ ଓ କାଜୁଆଲ୍ ଶ୍ରମିକ-କର୍ମଚାରୀଙ୍କୁ ସ୍ଥାୟୀ କରାଯିବାକୁ ଦାବି କରାଯାଇଛି । ସମସ୍ତଙ୍କୁ କାମ ଦିଆଯିବା ସହ ସର୍ବନିମ୍ନ ମଜୁରୀ ଓ ସମାନ କାମ ପାଇଁ ସମାନ ମଜୁରୀ ସୁନିଶ୍ଚିତ କରାଯିବାକୁ ଦାବି କରାଯାଇଛି । ସମସ୍ତ ପ୍ରବାସୀ ଶ୍ରମିକଙ୍କ ପଞ୍ଜିକରଣ କରାଯିବାକୁ ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଶାଇଁର ସାମଗ୍ରିକ ବିକାଶ କାର୍ଯ୍ୟକୁ ବ୍ୟାପକ କରିବା ପାଇଁ ଜିଲ୍ଲା ଖଣିଜ ପାଣ୍ଠି(ଡଗର)ର ସଠିକ୍ ବିନିଯୋଗ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ବୃଦ୍ଧ, ବିଧବା, ଭିନ୍ନକ୍ଷମ ଓ ଏକକ ମହିଳାଙ୍କୁ ମାସିକ ୩,୦୦୦ ଟଙ୍କା ଭତା ପ୍ରଦାନ କରାଯିବା ସହ ବକେୟା ସାମାଜିକ ସୁରକ୍ଷା ଭତା ତୁରନ୍ତ ପ୍ରଦାନ କରାଯିବାକୁ ଦାବି କରାଯାଇଛି । ୬୦ବର୍ଷ ପୂରଣ କରିଥିବା ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଭତ୍ତା ଦିଆଯିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଗଣବଟଂନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ସମସ୍ତଙ୍କୁ ରାଶନ୍ ?କାର୍ଡ଼ ଯୋଗାଇଦେବାକୁ ଦାବି କରାଯାଇଛି । ସେଲ ଅଧିନରେ ଥିବା କାଲଟା ଲୌହଖଣିରେ କନ୍‌ଭେୟର ବେଲ୍ଟ ଯୋଗେ ମାଲ ପରିବହନ ପରିବର୍ତେ ସ୍ଥାନୀୟ ଶ୍ରମିକ ଓ ପରିବହନ ସଂସ୍ଥାମାନଙ୍କ ଜରିଆରେ ଏହି କରାଯିବାକୁ ଦାବି କରାଯିବା ସହ କୋଇଡ଼ା ଅଚଂଳରେ ସମସ୍ତ ରାସ୍ତା ନିର୍ମାଣ ଓ ପାନୀୟଜଳ ସଂକଟ ଦୂର କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଜଝଚର ସଂପ୍ରସାରଣ କାର୍ଯ୍ୟରେ ସ୍ଥାନୀୟ ବେକାର ଯୁବକ ଯୁବତୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବା ସହିତ ରାଉରକେଲା ଇ.ଏସ୍.ଆଇ ମଡ଼େଲ ହସ୍ପିଟାଲରେ ସମସ୍ତ ବିଭାଗର ଅଭିଜ୍ଞ ଡାକ୍ତର, ନର୍ସ ଓ ପାରାମେଡ଼ିକାଲ ଷ୍ଟାଫ୍ ପର୍ଯ୍ୟାପ୍ତ ଭାବରେ ନିଯୁକ୍ତି ଦେବା ସହ ସମସ୍ତ ଡିସ୍ପେନ୍‌ସେରି ଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି । ଜନବିରୋଧୀ ସ୍ମାର୍ଟ ମିଟର ଯୋଜନା ଓ ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରତ୍ୟାହାର କରି ଲାଗିଥିବା ସ୍ମାର୍ଟ ମିଟର ହଟାଇବା ସହିତ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଓ ମାସିକ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ପ୍ରଦାନ କରାଯିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ମହିଳା ଓ ଶିଶୁଙ୍କ ସହିତ ବଳାତ୍କାର, ନିର୍ଯ୍ୟାତନା ଓ ହତ୍ୟା ରୋକିବା ପାଇଁ କଡ଼ା ପଦକ୍ଷେପ ନେବା ସହ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଅଣାଯିବାକୁ ଦାବି କରାଯାଇଛି ।

# ଶିକ୍ଷାବିଭାଗର ଦୋମୁହାଁ ନୀତି ରଥଯାତ୍ରାକୁ ନାଁ, ଉର୍ସ ମେଳାକୁ ହଁ

ରାଜଗାଙ୍ଗପୁର,୩୧/୭(ନି/ପ୍ର): ଜିଲ୍ଲା ଶିକ୍ଷାବିଭାଗର ଦ୍ୱିମୁହାଁ ନୀତିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ରାଜ୍ୟ ସରକାରଙ୍କ ନିୟମ ବିଦ୍ୟାଳୟ ପରିସରରେ କୌଣସି ବେସରକାରୀ ଉତ୍ସବ କରିବାକୁ ସମ୍ପୂର୍ଣ୍ଣ ନିଷେଧ କରିଥିବାବେଳେ ଜିଲ୍ଲା ପ୍ରଶାସନ ଗୋଟିଏ ସମ୍ପ୍ରଦାୟକୁ ଅନୁମତି ଦେଇଥିବା ଅଭିଯୋଗ ହୋଇଛି । ଘଟଣାରୁ ଜଣାପଡ଼ିଛି ଯେ ରଥଯାତ୍ରା ସମୟରେ ରାଜଗାଙ୍ଗପୁର ଗୁଣ୍ଡିଚା କମିଟି ମାଉସୀ ମା' ମନ୍ଦିର ନିକଟସ୍ଥ ବିଦ୍ୟାଳୟର ଖାଲିଜାଗାକୁ ବ୍ୟବହାର ପାଇଁ ଅନୁମତି ମାଗିଥିଲେ । କିନ୍ତୁ ସରକାରୀ ନିୟମ ଦେଖାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ତାକୁ ମନା କରିଦେଇଥିଲେ । ଏହାକୁ ଅଭିଭାବକମାନେ ଉଚିତ୍ ପଦକ୍ଷେପ ବୋଲି କହିଥିଲେ । କିନ୍ତୁ ସୁନ୍ଦରଗଡ଼ ଉପ-ଜିଲ୍ଲାପାଳ ଆଦେଶ ସଂଖ୍ୟା ୬୭୩୬, ତା. ୨୯.୦୭.୨୦୨୬ ଅନୁଯାୟୀ ଗୋପବନ୍ଧୁ ସ୍କୁଲର ଖେଳ ପଡିଆ ଟିକୁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ମେଳା ପାଇଁ ୩୦ ଓ ୩୧ ତାରିଖ ଦୁଇଦିନ ଅନୁମତି ଦେଇଛନ୍ତି । ସନ୍ଧ୍ୟା ୫ରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରସାଦ ବଟଂନ କିନ୍ତୁ ସକାଳ ୧୦ରୁ ରାତି ୧୦ଟା ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀ ବିକ୍ରି କରାଯାଇଛି ଦୋକାନ ବଜାର ପାଇଁ ମଧ୍ୟ ଅନୁମତି ମିଳିଛି କି । ଖାଦ୍ୟ ନିରାପନା ଅଧିକାରୀଙ୍କୁ ଏ ନେଇ ଅବଗତ କରାଯାଇଛି କି । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା କହିଛନ୍ତି, ୨-୩ ଦିନ ପାଇଁ ଜିଲ୍ଲା ପ୍ରଶାସନ ଅନୁମତି ଦେଇପାରିବେ ଅଧିକ ଦିନ ହେଲେ ରାଜ୍ୟ ଶିକ୍ଷା ବିଭାଗର ଅନୁମତି ଲାଗିବ । ଜିଲ୍ଲା ପ୍ରଶାସନର ଏହି ଦୋମୁହାଁ ନୀତିକୁ ନେଇ ଜନସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।



# ଆର୍ଥିକ ଶୃଙ୍ଖଳା ଏବଂ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟକାରୀତା ବଳରେ ସେଲ୍‌ର ପ୍ରଥମ ତ୍ରୈମାସିକ (ଆର୍ଥିକ ବର୍ଷ ୨୭) ଲାଭରେ ବୃଦ୍ଧି




ରାଉରକେଲା,୩୧/୭(ନି/ପ୍ର): ସେଲ୍ ର ଆର୍ଥିକ ବର୍ଷ ୨୦୨୭ ପ୍ରଥମ ତ୍ରୈମାସିକ ପ୍ରଦର୍ଶନ କେବଳ ବାର୍ଷିକ ଆଧାରରେ ଲାଭର ତୀବ୍ର ବୃଦ୍ଧି ନୁହେଁ, ବରଂ ଏହା ଦର୍ଶାଉଛି ଯେ କିପରି ଗଭୀର ଆର୍ଥିକ ଶୃଙ୍ଖଳା ଏବଂ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟକାରୀତାର ସମିଶ୍ରଣ ରେ ଏହି ସଫଳତା ହାସଲ ହୋଇଛି । ଆର୍ଥିକ ବର୍ଷ ୨୦୨୭ ର ପ୍ରଥମ ତ୍ରୈମାସିକରେ ସେଲର ପ୍ରଦର୍ଶନ ସମ୍ପର୍କରେ ଟିପ୍ପଣୀ ଦେଇ ସେଲ୍ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡଃ ଅଶୋକ କୁମାର ପଣ୍ଡା କହିଛନ୍ତି, "ଏହି ପ୍ରଦର୍ଶନ ସେଲ୍ ର ସମନ୍ୱିତ ରଣନୀତିକ ଶକ୍ତିକୁ ପ୍ରତିଫଳିତ କରେ । ମଧ୍ୟପ୍ରାଚ୍ୟରେ ଅସ୍ଥିରତା ହେତୁ ସୃଷ୍ଟି ହୋଇଥିବା ବିଶ୍ୱସ୍ତରୀୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ଆମେ ସକ୍ରିୟ କାର୍ଯ୍ୟ ପଦକ୍ଷେପ ସହିତ ଆର୍ଥିକ ବିଚକ୍ଷଣତା ମାଧ୍ୟମରେ ଦୃଢ଼ତା ପ୍ରଦର୍ଶନ କରିଛୁ । ଏହି ତ୍ରୈମାସିକରେ ପ୍ରଦର୍ଶନ, ଦକ୍ଷତା ବୃଦ୍ଧି ଦିଗରେ ଏକ ସଚେତନ ପ୍ରୟାସକୁ ଦର୍ଶାଇଛି । ଏହା ସହିତ କମ୍ପାନୀର ନଗଦ ପ୍ରବାହ ପରିଚାଳନା, କଠୋର ଆର୍ଥିକ ନିୟନ୍ତ୍ରଣ ଏବଂ ସୁଦୃଢ଼ କାର୍ଯ୍ୟକାରୀ ପୁଞ୍ଜି ଅଭ୍ୟାସ ପ୍ରତି ଶୃଙ୍ଖଳିତ ଆଭିମୁଖ୍ୟ ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ।" ସେଲ୍ ଦ୍ୱାରା ଆପଣାଯାଇଥିବା ବିଚକ୍ଷଣ ଆର୍ଥିକ ପରିଚାଳନା ରଣନୀତି ସମ୍ପର୍କରେ ଅଧିକ ସୂଚନା ଦେଇ ସେ ଆହୁରି ମଧ୍ୟ କହିଛନ୍ତି ଯେ, "ପ୍ରଥମ ତ୍ରୈମାସିକ ଅବଧି ମଧ୍ୟରେ, କମ୍ପାନୀ ଋଣ ନିୟନ୍ତ୍ରଣ କରିଛି ଏବଂ ଦୀର୍ଘଦିନର ଆର୍ଥିକ ବିଶ୍ୱସନୀୟତା ଓ ନଗଦ ପ୍ରବାହ ଏବଂ ଋଣ ପରିଚାଳନାରେ ଅଧିକ ସୁଧାର ମାଧ୍ୟମରେ ଋଣ ଖର୍ଚ୍ଚ ହ୍ରାସ କରିଛି । ଉକ୍ତ ସମୟରେ ଲିକ୍ୟୁଡିଟିକୁ ସୁଦୃଢ଼ କରିବା ସହିତ ଉଭୟ ଡେବ୍ଟ-ଇକ୍ୱିଟି ଅନୁପାତ ଏବଂ ନେଟ୍ ଡେବ୍ଟ- ପ୍ରୋଫାଇଲ୍ ରେ ମଧ୍ୟ ଉଲ୍ଲେଖନୀୟ ସୁଧାର ପରିଲକ୍ଷିତ ହୋଇଛି, ଯାହା ଲାଭାର୍ଜନ କୁ ବଜାୟ ରଖିବା ସହିତ ଋଣ ଭାର ହ୍ରାସ କରିବାରେ ସେଲ୍ ର ସଫଳତାକୁ ଦର୍ଶାଉଛି ।" ଆର୍ଥିକ ବର୍ଷ ୨୦୨୭, ପ୍ରଥମ ତ୍ରୈମାସିକ ରେ କମ୍ପାନୀର ଉତ୍ପାଦ ମିଶ୍ରଣ ଏବଂ ନିବେଶ ପ୍ରାଥମିକତାରେ ଅଗ୍ରଗତିକୁ ପ୍ରତିଫଳିତ କରିଛି । ମୋଟ ବିକ୍ରୟ ଯୋଗ୍ୟ ଇସ୍ପାତରେ ଫିନିଶଡ୍ ଷ୍ଟିଲ୍ ର ଅନୁପାତ ଗତ ବର୍ଷର ସମାନ ଅବଧି ର ୮୬% ତୁଳନାରେ ଚଳିତ ଆର୍ଥିକ ବର୍ଷ ର ପ୍ରଥମ ତ୍ରୈମାସିକରେ ୮୯% କୁ ବୃଦ୍ଧି ପାଇଛି, ଯାହା କମ୍ପାନୀର ସମଗ୍ର ଉତ୍ପାଦ ବାସ୍କେଟରେ ସେମି ଫିନିଶଡ୍ ଷ୍ଟିଲ୍ ର କ୍ରମାଗତ ହ୍ରାସକୁ ସୂଚାଉଛି । ଭାଲ୍ୟୁ-ଏଡେଡ୍ ଷ୍ଟିଲ୍ ଚାଲାଣ ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ପ୍ରଥମ ତ୍ରୈମାସିକରେ ୭.୫% ବୃଦ୍ଧି ପାଇଛି, ଯାହା ଗୁଣବତା-ଭିତିକ ଅଭିବୃଦ୍ଧି ଉପରେ ସେଲ୍ ର ଧ୍ୟାନକୁ ଦୃଢ଼ୀଭୂତ କରୁଛି । ଏଥିସହିତ, ବିସ୍ତାରିକରଣ ଜନିତ ପୁଞ୍ଜି ବ୍ୟୟ ଲକ୍ଷ୍ୟ ୨,୩୦୬ କୋଟିରୁ ଅଧିକ ହୋଇ ୨,୫୭୫ କୋଟିରେ ପହଁଚିଛି, ଯାହା କ୍ଷମତା ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ଦିଗରେ କମ୍ପାନୀର ରଣନୈତିକ ନିବେଶ ଏବଂ ସମ୍ବଳର ସକ୍ରିୟ ଆବ[ନ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ତ୍ରୈମାସିକରେ ସେଲର ବାଣିଜ୍ୟ ରଣନୀତିକୁ କାର୍ଯ୍ୟ ଦୃଢ଼ତାରେ ରୂପାନ୍ତରିତ କରିବାର କ୍ଷମତା ମଧ୍ୟ ପ୍ରଦର୍ଶିତ ହୋଇଛି । ବ୍ଲାଷ୍ଟ ଫର୍ନେସ୍ ଉତ୍ପାଦନଶୀଳତାରେ ସୁଧାର, ଅନୁକୂଳ ଫେରୋ- ଏଲୟ ଏବଂ ଫ୍ଲକ୍ସ ବ୍ୟବହାର ନିୟନ୍ତ୍ରଣ ମାଧ୍ୟମରେ ଇସ୍ପାତ ନିର୍ମାଣର ଅର୍ଥନୀତି ସୁଦୃଢ଼ ହୋଇଛି, ଏବଂ ଆଗାମୀ ତ୍ରୈମାସିକଗୁଡ଼ିକ ପାଇଁ ସ୍ଥିରତା ସୁରକ୍ଷିତ କରିବାକୁ ନିର୍ଦ୍ଧାରିତ ବୃହତ ମରାମତି ଯୋଜନା ଗୁଡିକୁ ସକ୍ରିୟ ରୂପେ ପୂର୍ବରୁ ସମାପନ କରାଯାଇଛି । ଡଃ ପଣ୍ଡା ଆହୁରି ସ୍ପଷ୍ଟ କରିଛନ୍ତି ଯେ "କାର୍ଯ୍ୟକାରୀତା ର ପୂର୍ବାନୁମାନ ଉପରେ ଧ୍ୟାନଦେଇ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବା ସତ୍ତ୍ୱେ ଅବିରତ ପ୍ରଦର୍ଶନ ସୁନିଶ୍ଚିତ କରିଛି ସେଲ୍ । ଏହି ସମୟ ରେ ଦେଶୀୟ ଏବଂ ବାହ୍ୟ ଉତ୍ସର ସନ୍ତୁଳିତ ମିଶ୍ରଣ ମାଧ୍ୟମରେ ଚୂନାପଥର ଆବଶ୍ୟକତା ପୂରଣ କରାଯାଇଥିବା ବେଳେ ପ୍ରୋପେନ୍ ଗ୍ୟାସ୍ ପାଇଁ ବିକଳ୍ପ ବ୍ୟବସ୍ଥା ଆମର ଉତ୍ପାଦନ ନିରବଚ୍ଛିନ୍ନତାକୁ ସୁରକ୍ଷିତ କରିଛି ।" ଖନନ କାର୍ଯ୍ୟ ଉପରେ କେନ୍ଦ୍ରୀଭୂତ ଗୁରୁତ୍ୱ ସେଲ୍ ର କ୍ୟାପ୍ଟିଭ୍ ଖଣିଗୁଡ଼ିକର ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ଉପଯୋଗ କରି ଗୁରୁତ୍ୱପୂର୍ଣ୍ଣ ପରିଣାମ ପ୍ରଦାନ କରିଛି । ବର୍ଦ୍ଧିତ ଲୁହାପଥର ଉତ୍ପାଦନ କମ୍ପାନୀକୁ ନିଜର ଆଭ୍ୟନ୍ତରୀଣ କଁାମାଲ ଆବଶ୍ୟକତା ସମ୍ପୂର୍ଣ୍ଣ ଭାବରେ ପୂରଣ କରିବାକୁ ସକ୍ଷମ କରିବା ସହିତ ଘରୋଇ ବଜାରରେ ବଳକା ବିକ୍ରୟ ସାମର୍ଥ୍ୟ ଦେଇଛି । ଫଳସ୍ୱରୂପ, ପ୍ରଥମ ତ୍ରୈମାସିକରେ ଲୌହ ଖଣିଜ ବିକ୍ରି ଗତ ବର୍ଷର ସମାନ ଅବଧି ତୁଳନାରେ ୨୬୯% ବୃଦ୍ଧି ରେକର୍ଡ କରିଛି । ଏହି ଅସାଧାରଣ ପ୍ରଦର୍ଶନ କମ୍ପାନୀର ନେଟ୍ ଲାଭକୁ ଯଥେଷ୍ଟ ବୃଦ୍ଧି କରିଛି ଏବଂ ସେଲ୍ ର ସମନ୍ୱିତ ବ୍ୟବସାୟିକ ମଡେଲର ରଣନୈତିକ ଶକ୍ତିକୁ ରେଖାଙ୍କିତ କରିଛି, ଯେଉଁଥିରେ ଖନନ ଏବଂ ଇସ୍ପାତ ମୂଲ୍ୟ ଶୃଙ୍ଖଳାରେ, ମୂଲ୍ୟ ସୃଷ୍ଟି ପ୍ରତ୍ୟକ୍ଷ ଭାବରେ ଶ୍ରେଷ୍ଠ କାର୍ଯ୍ୟକାରିତା ଏବଂ ଆର୍ଥିକ ପ୍ରଦର୍ଶନରେ ରୂପାନ୍ତରିତ ।